ଧରିତ୍ରୀ
DHARITRI


## ସାପ କାମୁଡ଼ାରେ ବାଳିକା ମୃତ

ରେଢ଼ାଖୋଲ,(ଡି.ଏନ୍.ଏ.): ଚାରମାଳ ଥାନା ଅଧୀନ ଭରତାପୁର ପଞ୍ଚାୟତ ଠେଲକୋଦାଦର ଗ୍ରାମର ସନାତନ ମିର୍ଦ୍ଧାଙ୍କ ୮ ବର୍ଷର ଝିଅ ସତୀ ମିର୍ଦ୍ଧାଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ରେଢ଼ାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାମତେ ବୁଧବାର ରାତିରେ ତୃତୀୟ ଶ୍ରେଣୀରେ ପଢୁଥିବା ସତୀ ଶୋଇଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଜାଣିବାପରେ ରେଢ଼ାଖୋଲ ଡାକ୍ତରଖାନା ଆଣିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩/୨୧) ରୁଜୁ କରିଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ପାର୍ଶ୍ୱଦେବତା ଓ ମନ୍ଦିର ପ୍ରତିଷ୍ଠା ଉତ୍ସବର କଳସ ଯାତ୍ରା, ଶାନ୍ତିନଗରସ୍ଥିତ ସାଇ ଚରଣ ମନ୍ଦିର ପରିସର, ସକାଳ ୮ଟା।

## ସଂକ୍ଷେପରେ

### ବରପାଲି କ୍ରିକେଟ୍: ବରକାନୀ ଚାମ୍ପିୟନ

ବ୍ରଜରାଜନଗର,୧୮।୨(ଡି.ଏନ୍.ଏ.): ସ୍ଥାନୀୟ ବରପାଲି ଖେଳପଡିଆରେ ଜଗନ୍ନାଥ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଗ୍ରାମାଞ୍ଚଳ କ୍ରିକେଟ୍ ପ୍ରତିଯୋଗିତାରେ ବରପାଲିକୁ ହରାଇ ବରକାନୀ ଦଳ ଚାମ୍ପିୟନ ହୋଇଛି। ବରକାନୀ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭୩ ରନ୍ କରିଥିଲା। ଜବାବରେ ବରପାଲି ଦଳ ୫୧ ରନ କରି ମ୍ୟାଚ ହାରି ଯାଇଥିଲା। ସ୍ଥାନୀୟ ବିଧାୟକ କିଶୋର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଆଖପାଖ ୧୦ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିଲେ।

### ଯୁବ ରେଡକ୍ରସ ଶିବିର ଉଦ୍‌ଘାଟିତ

ରେଢ଼ାଖୋଲ,୧୮।୨(ଡି.ଏନ୍.ଏ.): ରେଢାଖୋଲ ଭୀମଭୋଇ କଲେଜରେ ଗୁରୁବାର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀମାନଙ୍କ ଏକ ୩ ଦିନିଆ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଏଥିରେ ଭୀମଭୋଇ କଲେଜ, ମହିଳା କଲେଜ ଓ ଚାରମାଳ କଲେଜର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଡିଓ ପରିକ୍ଷିତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଡ. ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂ ଅଧ୍ୟକ୍ଷତା କରିଥିଲେ। ଯୁବ ରେଡକ୍ରସର ଉପଦେଷ୍ଟା ଅଧାପକ ଅଞ୍ଜନ କୁମାର ମିଶ୍ର ଅତିଥି ପରିଚୟ ଦେଇଥିଲେ। ଆଭ୍ୟନ୍ତରୀଣ ଗୁଣବତ୍ତା ନିର୍ଦ୍ଧାରଣ ସମିତି ନିର୍ଦ୍ଦେଶକ ପ୍ରଧାପକ ଦିଲୀପ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରାଧାପକ ଡ. ମନୋରଞ୍ଜନ ମହନ୍ତ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେଇଥିଲେ। ପ୍ରାଧାପିକା ମମତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ପୁଲ୍‌ୱାମା ଶହୀଦ ସ୍ମରଣିକା କ୍ରିକେଟ୍

ପଡିଆବାହାଲ,୧୮।୨ (ଡି.ଏନ୍.ଏ.): ପୁଲୱାମାଠାରେ ଶହୀଦ ହୋଇଥିବା ବୀର ଯବାନମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପଡିଆବାହାଲ କ୍ରିକେଟ କ୍ଲବ ତରଫରୁ ୧୪ ତାରିଖରୁ ୫ଦିନିଆ କ୍ରିକେଟ ମ୍ୟାଚ ନିକଟସ୍ଥ ପଧାନପାଲି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ପୋଲିସ ସବ୍‌ଇନ୍ସପେକ୍ଟର ପ୍ରଫୁଲ୍ଲ କୁମାର ସାହୁ, ସରପଞ୍ଚ ମିତ୍ରଭାନୁ ପଧାନ, ହରିହର ନାୟକ ଶହୀଦ ଯବାନଙ୍କ ଫଟୋଚିତ୍ରରେ ଫୁଲମାଳ ଓ ଦୀପ ପ୍ରଜ୍ୱଳନ କରି ମ୍ୟାଚର ଶୁଭାରମ୍ଭ କରିଥିଲେ। ଫାଇନାଲ ଖେଳରେ ସିନ୍ଦୂରପଙ୍କ ଦଳ ୧୦ ଓଭରରେ ୧୦୬ ରନ କରି ବିଜେତା ହୋଇଥିଲା ବେଳେ ୫୩ ରନ କରି ଝାଙ୍କରପାଲି ଦଳ ରନର୍ସଅପ୍ ହୋଇଥିଲା। ଏ ଅବସରରେ ଅନୁଷ୍ଠିତ ସଭାରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଭ୍ୟ ଦେବେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ସରପଞ୍ଚ ମିତ୍ରଭାନୁ ପ୍ରଧାନ, ଯୁବନେତା ମୋହିତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### ଲ୍ୟାମ୍ପ୍ସରେ ଚାଷୀ ପକାଇଲେ ତାଲା

ଲହୁଣୀପଡା, ୧୮।୨ (ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟୁଗାଁ ଲ୍ୟାମ୍ପ୍ସରେ ଗୁରୁବାର ରାତି ଅଧିଆ ବେନିୟମ ଧାନ ଟୋକନ ବାଣ୍ଟିବାକୁ ବିରୋଧ କରି ଲ୍ୟାମ୍ପ୍ସରେ ଚାଷୀମାନେ ତାଲା ପକାଇଥିଲେ। ଖୁଣ୍ଟୁଗାଁ ଲ୍ୟାମ୍ପ୍ସର କୁଲିପୋଷ ମଣ୍ଡିରେ ପହଞ୍ଚି ଖୁଣ୍ଟୁଗାଁ ଲ୍ୟାମ୍ପ୍ସ ଏମଡି ବସନ୍ତ କୁମାର ପଲେଇ କେତେକ ଚାଷୀଙ୍କୁ ଧାନ ବିକ୍ରି ଟୋକନ ବାଣ୍ଟୁଥିବା ଖବର ପାଇ ଅନ୍ୟ ଚାଷୀମାନେ ଆସି ପହଞ୍ଚି ପଚାରି ବୁଝିବାରୁ ଏମଡି ପଲେଇ କହିଲେ ଉପରୁ ନିର୍ଦ୍ଦେଶ ଆସିଛି। ଆସନ୍ତା କାଲି ମଣ୍ଡି ଖୋଲାଯିବ ଚାଷୀମାନେ ପଚାଶ ପ୍ରତିଶତ ଧାନ ବିକ୍ରି କରିପାରିବେ ବୋଲି ଟୋକନ ଦିଆଯାଉଛି । ଏହାକୁ ଉପସ୍ଥିତ ଚାଷୀମାନେ ବିରୋଧ କରିବା ସହିତ ଟୋକନ ଦେବା ବନ୍ଦ କରିଥିଲେ ଏବଂ ଗୁରୁବାର କୁଲିପୋଷର ଶତାଧିକ ଚାଷୀ ତାଲା ପକାଇଥିଲେ ।

# ଜେଲ ଗଲେ ୧୫ କର୍ମଚାରୀ

**ତଳାବିରା କୋଇଲା ଖଣିରେ ଉତ୍ତେଜନା ଘଟଣା**

- ଅଞ୍ଚଳରେ ଅସନ୍ତୋଷର ବାତାବରଣ
- ଜମି ଛାଡ଼ିବୁ ନାହିଁ କହିଲେ ବିସ୍ଥାପିତ

ସମ୍ବଲପୁର,୧୮।୨(ବ୍ୟୁରୋ)

ବାରମ୍ବାର ଦାବି ପରେ ସମ୍ବଲପୁର ଜିଲା ରେଙ୍ଗାଲିର ଖ୍ଣ୍ଡାସ୍ଥିତ ତଳାବିରା କୋଇଲା ଖଣି-୨ରେ କେତେଜଣ ସ୍ଥାନୀୟ ଯୁବକଙ୍କୁ ଚତୁର୍ଥ ଶ୍ରେଣୀ ଅସ୍ଥାୟୀ କର୍ମଚାରୀ ଭାବେ ନିଯୁକ୍ତି ଦିଆଯାଇଥିଲା। କିଛିମାସ ପରେ ଦରମା ଦେଇ ନ ପାରିବା ସମ୍ପର୍କରେ କହି ଠିକା କମ୍ପାନୀ ୪୨ କର୍ମଚାରୀଙ୍କୁ ଛଟେଇ କରିବାକୁ ସୂଚନା ଦେଇଥିଲା। ବୁଧବାର କର୍ମଚାରୀମାନେ ଏହାର ପ୍ରତିବାଦ କରିବା ସମୟରେ କମ୍ପାନୀ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏ ନେଇ କମ୍ପାନୀର ଜଣେ ଅଧିକାରୀଙ୍କ ଅଭିଯୋଗ ଆଧାରରେ ଠେଲକୋଲୋଇ ପୋଲିସ ଗୁରୁବାର ଏକ ମାମଲା (ନଂ.୧୭/୨୧) ରୁଜୁକରି ୧୫ କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲଯିବାକୁ ପଡିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ ରୁଦ୍ରପ୍ରତାପ ପ୍ରଧାନ, ରୋହିତ ରାଉତ, ମହେନ୍ଦ୍ର ବାଗ, ବିରଞ୍ଚି ରାଉତ, ସରୋଜ ବାଗ, ପ୍ରମୋଦ ପ୍ରଧାନ, ଟିକେଚନ ମେହେର, ସଂକୀର୍ତ୍ତନ ରଣବିଡା, ଗଜାନନ ମେହେର, କରକରା ବୁଢିଆ, ଦେବେନ୍ଦ୍ର ବିଶ୍ୱାଳ, ମୁକେଶ ରାଉତ, ଯୁଧିଷ୍ଠିର ବିଶି, ଚୈତନ୍ୟ ପ୍ରଧାନ ଓ ସୁରେନ୍ଦ୍ର ବିଶ୍ୱାଳ। ଏହି ଘଟଣା ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଜମିହରା ପରିବାରଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଚାକିରି ପାଇଁ ଦାବି କଲେ ପୋଲିସ ଲଗାଇ ଜେଲ ପଠାଇ ଦିଆଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। କେତେଜଣ ଗ୍ରାମବାସୀଙ୍କ ଜମି ଅଧିଗ୍ରହଣ ହୋଇଥିଲେ ବି ସେମାନେ କ୍ଷତିପୂରଣ ପାଇନାହାନ୍ତି। ଏବେ ଆଉ ଜମି ଦିଆଯିବ ନାହିଁ ବୋଲି ସେମାନେ ରୋକ୍‌ଠୋକ କହୁଛନ୍ତି। ଏନ୍‌ଏଲ୍‌ସି କମ୍ପାନୀଠାରୁ ନେଇଥିବା ଠିକାସଂସ୍ଥାର ଏଭଳି ନୀତିକୁ ନେଇ ବିରୋଧାଭାଷ ସୃଷ୍ଟି ହୋଇଛି। ଅନ୍ୟପଟେ କମ୍ପାନୀର ଜଣେ ଅଧିକାରୀ କହିଛନ୍ତି, କୌଣସି କର୍ମଚାରୀଙ୍କୁ ଛଟେଇ କରିବା ପାଇଁ ସୂଚନା ଦିଆଯାଇ ନ ଥିଲା। କର୍ମଚାରୀ ଓ ଠିକା କମ୍ପାନୀ ଭିତରେ ଭୁଲ ବୁଝାମଣା ହୋଇ ଯାଇଥିଲା। ଫଳରେ ଗଣ୍ଡଗୋଳ ସୃଷ୍ଟି ହୋଇଛି। ଆପୋସ ବୁଝାମଣା ଓ ଆଲୋଚନାରେ ସମସ୍ତ ସମସ୍ୟାର ସମାଧାନ କରାଯିବ। ସୂଚନାଯୋଗ୍ୟ, ବୁଧବାର ଅପରାହ୍ନ ୨ଟା ସମୟରେ ଚାକିରିରୁ ଛଟେଇ ହେବା ସୂଚନା ପାଇ ୪୨ରୁ ଉର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ ମାନବ ସମ୍ବଳ ଅଫିସକୁ ଯାଇଥିଲେ। ସେଠାରେ ମାନବ ସମ୍ବଳ ଅଧିକାରୀଙ୍କ ସହ ଆଲୋଚନା କରିବା ସମୟରେ ବଚସା ହୋଇ ଯାଇଥିଲା। କର୍ଯ୍ୟରତ ସୁରକ୍ଷା କର୍ମୀ ସେମାନଙ୍କୁ ଘଉଡାଇବାକୁ ଚେଷ୍ଟା କରିଥିଲେ। ସେ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତାଙ୍କୁ ମାରପିଟ ହୋଇଥିବା ନେଇ ମାନବ ସମ୍ବଳ ଅଧିକାରୀ ଠେଲକୋଲୋଇ ଥାନାରେ ଅଭିଯୋଗ କରିଥିଲେ।

# ଡ୍ରଗ୍ସ ସ୍କ୍ୱାଡ୍, ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ


ଏକ ଦୋକାନରେ ମିଳିତ ଟିମ୍ ଚଢ଼ାଉ କରୁଛି।

**୧୧,୨୦୦ ଟଙ୍କା ଜରିମାନା ଆଦାୟ**

କୁଚିଣ୍ଡା,୧୮।୨(ଡି.ଏନ୍.ଏ.)

କୁଚିଣ୍ଡାର ଜନଗହଳିପୂର୍ଣ୍ଣ ବସ୍‌ଷ୍ଟାଣ୍ଡ, ମନ୍ଦିରଛକ ଆଦି ଅଞ୍ଚଳରେ ଗୁରୁବାର ପୋଲିସ, ଡ୍ରଗ୍ସ ସ୍କ୍ୱାଡ୍ ଓ ଖାଦ୍ୟ ସୁରକ୍ଷା ବିଭାଗର ମିଳିତ ଚଢ଼ାଉ କରାଯାଇଥିଲା। ଏହି ଟିମ୍ ରଙ୍ଗବୋଳି ଖାଦ୍ୟ ପ୍ରସ୍ତୁତ କରୁଥିବା ୭ ଦୋକାନ ମାଲିକଙ୍କଠାରୁ ୨୮୦୦ ଟଙ୍କା ଜରିମାନା ଆଦାୟ କରିବା ସହ ସେମାନଙ୍କରୁ ୮ କିଗ୍ରା ରଙ୍ଗବୋଳା ଖାଦ୍ୟ, ୧୦ ବୋତଲ ଚିଲି ଓ ଟମାଟୋ ସସ୍ ଜବତ କରିଥିଲା। ସେହିପରି ୪୪ ଦୋକାନରୁ ସିଗାରେଟ୍, ଗୁଟ୍‌ଖା ଆଦି ସାମଗ୍ରୀ ଜବତ କରି ସେମାନଙ୍କଠାରୁ ୮,୪୦୦ ଟଙ୍କା ଜରିମାନା ଆଦାୟ କରିଛି। ଚଢ଼ାଉରେ ଏନ୍‌ସିପି ଉପଦେଷ୍ଟା ସ୍ୱାଗତିକା ବେହେରା, ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟନାରାୟଣ ମଲ୍ଲିକ, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତାପରୁଦ୍ର ମଣ୍ଡଳ, ଅଞ୍ଜୁ ଏକ୍କା, ଅବକାରୀ ଇନ୍ସପେକ୍ଟର ଗୋକୁଳ ଧର, ପୋଲିସ ଏଏସ୍‌ଆଇ କୁମୁଦ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

# ୨୦ରୁ ଅଙ୍ଗରାଗ ମହୋତ୍ସବ

ସମ୍ବଲପୁର,୧୮।୨(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଝାଡୁଆପଡ଼ାସ୍ଥିତ ଶ୍ରୀ ଗୌରାଙ୍ଗ ବିଷ୍ଣୁପ୍ରିୟା ମନ୍ଦିର (ଶ୍ରୀ ଗୌରମଠ)ରେ ସ୍ୱତନ୍ତ୍ର ଯଜ୍ଞ ଓ ମହୋତ୍ସବ ୨୦ ତାରିଖଠାରୁ ୫ଦିନ ଧରି ଅନୁଷ୍ଠିତ ହେବ। ଶ୍ରୀରାଧା ଗିରିଧାରୀ ଓ ଶ୍ରୀ ଗୌରାଙ୍ଗ ବିଷ୍ଣୁପ୍ରିୟାଙ୍କ ଅଙ୍ଗରାଗ ଓ ଶ୍ରୀଙ୍ଗାର ଲାଗି କରାଯିବ । ପ୍ରତି ବାରବର୍ଷରେ ଏହି ମନ୍ଦିରରେ ବିଗ୍ରହମାନଙ୍କ ଅଙ୍ଗରାଗ ହୋଇଥାଏ ବୋଲି ବୃନ୍ଦାବନ ନିବାସୀ ଶ୍ରୀ ଦାମ କିଙ୍କର ମହାରାଜ (ରାଧେ ରାଧେ ବାବା) ମଠ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିପାଇଁ ରାଜସ୍ଥାନର ଜୟପୁର ଓ ପଶ୍ଚିମବଙ୍ଗର ନବଦ୍ୱୀପରୁ ଶିଳ୍ପୀମାନେ ଆସିଛନ୍ତି। ସତ୍‌ସଙ୍ଗ ସହିତ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିରେ ଭାରତର ମୁଖ୍ୟ ତୀର୍ଥସ୍ଥଳି, ପୀଠ ଓ ନଦୀରୁ ଅଣାଯାଇଥିବା ଜଳ ସହିତ ଅଭିଷେକ କରାଯିବ। ଶ୍ରୀଚୈତନ୍ୟ ତାଙ୍କର ଭ୍ରମଣ ସମୟରେ ସମ୍ବଲପୁରର ମହାନଦୀ କୂଳରେ ବିଶ୍ରାମ ନେଇଥିଲେ। ଏହି ଭାବନାକୁ ଦୃଷ୍ଟିରେ ରଖି ଶତାଧିକ ବର୍ଷ ପୂର୍ବରୁ ଶ୍ରୀ ଗୌରମଠ ଓ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀକୃଷ୍ଣ ମାଝି, ସଦସ୍ୟ ଆନନ୍ଦ କୁମାର ବେହେରା, ରଘୁମଣୀ ପାଣ୍ଡିଆ, ପଦ୍ମିନୀ ବେହେରା, ପ୍ରତିଭା ମିଶ୍ର ଉପସ୍ଥିତ ଥିଲେ।


ସମ୍ବଲପୁର ଗୌରମଠ ପରିସରରେ ସୂଚନା ଦିଆଯାଉଛି।

## ଭୀମଭୋଇ ନଗରକୁ ନିର୍ମଳ ପରିବେଶ କରାଯିବ

ସମ୍ବଲପୁର,୧୮।୨(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଭୀମଭୋଇନଗର ରହିଥିଲେ ମଧ ଅଞ୍ଚଳର ରାସ୍ତା ଉପରେ ପାଣି ବୋହୁଛି। ନିୟମିତ ବିଜୁଳି ରହୁନାହିଁ। ଠିକ୍ ଭାବେ ଡ୍ରେନ ତିଆରି ହୋଇ ନ ଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦିନରେ ଭୀମଭୋଇନଗରକୁ ନିର୍ମଳ ପରିବେଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭୀମଭୋଇନଗର ବିକାଶ କମିଟି ଓ ସ୍ପନ୍ଦନ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ବକ୍ତାମାନେ ଏହା କହିଛନ୍ତି। ପ୍ରଫେସର ମୋତିଲାଲ ନନ୍ଦଙ୍କ ପରିଚାଳନାରେ ସଭା ହୋଇଥିଲା। ସମ୍ବଲପୁର ହୋମିଓପାଥି କଲେଜ ପ୍ରଫେସର ଡା. ସୁଧାଂଶୁଶେଖର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିକାଶ କମିଟି ସଭାପତି ପ୍ରଦୀପ ଦାଶ, ମାନସ ଶତପଥି, ସଚ୍ଚିଦାନନ୍ଦ ବକ୍ସି, ସରୋଜ କୁମାର ପ୍ରଧାନ, ଜୟକୃଷ୍ଣ ବେହେରା, ବବ୍ରୁବାହାନ ଭୋଇ ଆଲୋଚନାରେ ଭାଗ ନେଇଥିଲେ।

# ୨୮ରେ ଭୁବନେଶ୍ୱର ଚାଲ ଅଭିଯାନ


ଜିଲା କୃଷକ ସଂଗଠନର ବୈଠକ ।

**ଟ୍ରାକ୍ଟର, ବାଇକ୍ ରାଲି କରି ଯିବେ ଚାଷୀ**

ସମ୍ବଲପୁର, ୧୮।୨ (ବ୍ୟୁରୋ)

ସମ୍ବଲପୁର ବରେଇପାଲି ମାର୍କେଟ ପରିସରରେ ଜିଲା କୃଷକ ସଂଗଠନା ଏକ ଜରୁରୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ମୁରାରୀ ପୁରୋହିତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚାଷୀମାନେ ଆସନ୍ତା ୨୮ ତାରିଖରେ ଟ୍ରାକ୍ଟର ଓ ବାଇକ୍ ରାଲିରେ ଭୁବନେଶ୍ୱର ଯିବା ନେଇ ଆଲୋଚନା ହୋଇଥିଲା। ସମୟ ପୂର୍ବରୁ ରାଜ୍ୟ ସରକାର ମଣ୍ଡି ବ୍ୟବସ୍ଥାକୁ ଘରୋଇକରଣ କରିବା ଓ ଠିକା ଚାଷକୁ ଆଣିଥିବା ଅଧ୍ୟାଦେଶ ପ୍ରତ୍ୟାହାର ନ କଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଚାଷୀ ବିରୋଧୀ ଏହି ଦୁଇଟି ଅଧ୍ୟାଦେଶକୁ ଆଇନରେ ପରିଣତ କରିବାକୁ ଯୋଜନା କରାଯାଉଛି। ନିଜ ପାଇଁ ବିପଦକୁ ମୁଣ୍ଡାଉଛନ୍ତି ବୋଲି ଚାଷୀମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ସମ୍ବଲପୁର ସହରରୁ ଏକାଠି ହୋଇ ବଲାଙ୍ଗୀର, ବରଗଡ, ଝାରସୁଗୁଡା ଜିଲା ଚାଷୀମାନେ ଫେବୃୟାରୀ ୨୮ ତାରିଖରେ ରାଲିରେ ବାହାରିବେ। ଅନ୍ୟ ଜିଲାଗୁଡିକ ମଧ୍ୟ ରାଲିରେ ସାମିଲ ହେବେ। ଭୁବନେଶ୍ୱରରେ ଟ୍ରାକ୍ଟର ଓ ବାଇକ୍ ରାଲି ଅନୁଷ୍ଠିତ ହେବ। ଏହାସହ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ସ୍ଥିର କରାଯାଇଛି। ବୈଠକରେ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ଉମେଶ ମିଶ୍ର, କୁଶଧ୍ୱଜ ଚୌଧୁରୀ, ଅଶ୍ୱିନୀ ପୃଷେଟ, ଅଶ୍ୱିନୀ ହୋତା, ଏତୁଆ ଖଡିଆ, ଭୈରବ ପ୍ରଧାନ, ଦିଲୀପ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ଶ୍ରେଷ୍ଠ ୨୫ ସହର ମଧ୍ୟରେ ରାଉରକେଲା

ସୁନ୍ଦରଗଡ,୧୮।୨(ଡି.ଏନ.ଏ.)

ଭାରତ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା 'ନର୍ଚରିଂ ନେଇବର ହୁଡ ଚ୍ୟାଲେଞ୍ଜ' କାର୍ଯ୍ୟକ୍ରମରେ ବାଜିମାତ କରିଛି ରାଉରକେଲା ସ୍ମାର୍ଟ ସିଟି। ସାରା ଦେଶରେ ଶ୍ରେଷ୍ଠ ୨୫ଟି ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଛି। ପ୍ରାକ ଶୈଶବ କାଳ ଅର୍ଥାତ ୫ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଙ୍କ ସୁବିଧାକୁ ନଜରରେ ରଖି ସହରରେ କିଭଳି ବ୍ୟବସ୍ଥା କରାଯାଇପାରିବ, ସେହି ଆଧାରରେ ଏହି ପ୍ରତିଯୋଗିତା ବା ଚ୍ୟାଲେଞ୍ଜ ଆରମ୍ଭ କରାଯାଇଥିଲା। ଏହି ଚ୍ୟାଲେଞ୍ଜରେ ଶ୍ରେଷ୍ଠ ଚୟନିତ ସହରଗୁଡିକୁ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ଶିଶୁ ବିକାଶ ଲାଗି ଆବଶ୍ୟକ ବୈଷୟିକ ସହାୟତା ଓ ସହଯୋଗ ଯୋଗାଇ ଦିଆଯିବ। ସର୍ବସାଧାରଣ ଖୋଲା ସ୍ଥାନ ଯେପରିକି ପାର୍କ ଏବଂ ଅନ୍ୟ ସ୍ଥାନରେ ଶିଶୁମାନଙ୍କ ଚଳପ୍ରଚଳ ଲାଗି ଉତ୍ତମ ବ୍ୟବସ୍ଥା କରିବା, ସେମାନଙ୍କ ଅଭିଭାବକମାନଙ୍କ ଲାଗି ସୁବିଧା ଯୋଗାଇଦେବା ଏବଂ ଉନ୍ନତ ସେବା ପ୍ରଦାନ ଦିଗରେ ଚେଷ୍ଟିତ ହେବା ଏହି ଚ୍ୟାଲେଞ୍ଜର ମୂଳ ଲକ୍ଷ୍ୟ। ଏହି ଚ୍ୟାଲେଞ୍ଜ ମାଧ୍ୟମରେ ଯୋଗ୍ୟ ବିବେଚିତ ହୋଇଥିବା ସହରମାନଙ୍କୁ ଶୈଶବ ବିକାଶ ସମ୍ପର୍କିତ ବୈଷୟିକ ଏବଂ ତାଲିମ ଆଦି ସହଯୋଗ ଯୋଗାଇଦିଆଯିବ। ସହରଗୁଡିକ ମଧ୍ୟରେ ବାଲ୍ୟକୈନ୍ଦ୍ରିକ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା ଏବଂ ସହର କର୍ତ୍ତୃପକ୍ଷଙ୍କୁ ସେମାନଙ୍କର ନିଷ୍ପତ୍ତି ନେବାରେ ସହଯୋଗ କରିବା, ଶିଶୁଙ୍କ ଭାଷା, ନୀତି ନିର୍ଦ୍ଧାରଣ, ଏହି କାର୍ଯ୍ୟ ସହ ଜଡିତ ଅଧିକାରୀମାନଙ୍କ ଦକ୍ଷତା ବିକାଶକୁ ସୁଗମ କରିବା ଏବଂ ଶିଶୁମାନଙ୍କ ବିକାଶ ଲାଗି ପରସ୍ପର ସହିତ ଜଡିତ ହେବା ଏବଂ ସର୍ବୋତ୍ତମ ଅଭ୍ୟାସ ଉପରେ ଜୋର୍ ଦେବା ପାଇଁ ଏକ ଭିତ୍ତିଭୂମିର ବିକାଶ କରିବା ଇତ୍ୟାଦି ଲକ୍ଷ ନେଇ ଏହି ଚ୍ୟାଲେଞ୍ଜ ବା ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ରାଉରକେଲା ମହାନଗର ନିଗମର କମିଶନର ଦିବ୍ୟଜ୍ୟୋତି ପରିଡ଼ା ଏହି ଚ୍ୟାଲେଞ୍ଜରେ ମିଳିଥିବା ସଫଳତାକୁ ନେଇ ନିଜ ମତ ରଖି କହିଛନ୍ତି ଯେ, ଏହି ଚ୍ୟାଲେଞ୍ଜରେ ଭାଗ ନେବା ପାଇଁ ରାଉରକେଲା ସ୍ମାର୍ଟ ସିଟି ପକ୍ଷରୁ ଶିଶୁ ଏବଂ ସେମାନଙ୍କ ଅଭିଭାବକଙ୍କ ସୁବିଧା ସମ୍ପର୍କିତ ୫ଟି ପ୍ରକଳ୍ପ ସମ୍ପର୍କିତ ପ୍ରସ୍ତାବ ଦିଆଯାଇଥିଲା।

## ରେଢାଖୋଲରେ ବଡ଼ାଖାନା କାର୍ଯ୍ୟକ୍ରମ

ରେଢାଖୋଲ,୧୮।୨ (ଡି.ଏନ୍.ଏ.)

ରେଢାଖୋଲ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପଠାରେ ଏନ୍‌ଏସି ପକ୍ଷରୁ ବୁଧବାର ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରି କନିକା ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ପଦ୍ମନାଭ ବେହେରା, ଉପସ୍ଥିତ ଥିଲେ। ଶେଷରେ ଏସ୍‌ପି ଓ ଅଧିକାରୀମାନେ ସଫେଇ କର୍ମଚାରୀଙ୍କୁ ସୁସ୍ୱାଦୁ ଖାଦ୍ୟ ପରିବେଷଣ କରିଥିଲେ।

# ବନ୍ୟ ସମ୍ପଦକୁ ନେଇ ଆତ୍ମନିର୍ଭର ଲକ୍ଷ୍ୟ

**ବନ ବିଭାଗର ସମୀକ୍ଷା**

ସମ୍ବଲପୁର,୧୮।୨(ବ୍ୟୁରୋ)

ସମ୍ବଲପୁର ଆର୍‌ସିସିଏଫ୍ ସମ୍ମିଳନୀ କକ୍ଷରେ ଗୁରୁବାର ବନ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଶୁଭମ୍ ସକ୍‌ସେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ସିସିଏଫ୍ ଚିତ୍ତରଞ୍ଜନ ମିଶ୍ର, ଡିଏଫ୍‌ଓ ଡ.ସଞ୍ଜିତ କୁମାର, ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ପ୍ରତାପ କଟାପାଲି, ପିଡି ସୁକାନ୍ତ ତ୍ରିପାଠୀ ଉପସ୍ଥିତ ଥିଲେ। ବନ୍ୟ ସମ୍ପଦକୁ ନେଇ ସ୍ଥାନୀୟ ଲୋକେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ, ସେ ନେଇ କାମ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଅଧିକାରୀମାନେ କହିଥିଲେ। ଏହା ସହ ବାଉଁଶ ଜଙ୍ଗଲ ସୃଷ୍ଟି, ମତ୍ସ୍ୟଚାଷ, ଆବଶ୍ୟକ ଅନୁସାରେ କୃଷିକାର୍ଯ୍ୟ ଓ ବ୍ୟାଙ୍କରୁ ଋଣ ପ୍ରଦାନ ଭଳି ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡ ଅଧିକାରୀ, ବିଭିନ୍ନ ବ୍ୟାଙ୍କ ଅଧିକାରୀ, ବନ ବିଭାଗର କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଭିଏସ୍‌ଏସ୍ ମହିଳାମାନେ ହାତ ତିଆରି ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଶାଳପତ୍ରରେ ତିଆରି ଖଲିଦନା ଓ ବାଉଁଶ ତିଆରି ସାମଗ୍ରୀ ଆକର୍ଷଣୀୟ ଥିଲା।



ସମୀକ୍ଷା ବୈଠକରେ ଅତିଥିମାନେ।

# ଛତିଶଗଡ଼ରେ ମିଶିବା ପାଇଁ ଚେତାବନୀ

ଲଖନପୁର,୧୮।୨(ଡି.ଏନ୍.ଏ.)



ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

- ସୀମାନ୍ତବର୍ତ୍ତୀ ଚାଷୀଙ୍କ ଅଭିଶପ୍ତ ଜୀବନ
- ଦାବି ପୂରଣ ନ ହେଲେ ୨୩ରୁ ରାଜପଥ ଅବରୋଧ

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ଛତିଶଗଡ଼ ସୀମାନ୍ତବର୍ତ୍ତୀ ଚାଷୀମାନଙ୍କୁ ଧାନବିକ୍ରି ପାଇଁ ଟାର୍ଗେଟ୍ ମିଳୁ ନ ଥିବାରୁ ସେମାନେ ଉତ୍ପାଦିତ ଧାନ ବିକ୍ରି କରିପାରୁନାହାନ୍ତି। ଏ ନେଇ ସମବାୟ ସମିତି, ଯୋଗାଣ ବିଭାଗ ଓ ଜିଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସେମାନେ ପଡୋଶୀ ଛତିଶଗଡ ରାଜ୍ୟରେ ମିଶିବା ପାଇଁ ଚେତାବନୀ ଦେଇଛନ୍ତି। ଏଭଳି ସ୍ଥିତିରେ ୧୯ଖଣ୍ଡ ମୌଜା ରେମତା, ଚାରପାଲି ଓ କନକତୋରା ସେବା ସମବାୟ ସମିତିର ଶତାଧିକ ଚାଷୀ ଜିଲା କୃଷକ ସଙ୍ଗଠନର ପ୍ରବକ୍ତା ବିରଞ୍ଚି ସାହୁ ଓ ବିଜୟ ଦାସଙ୍କ ନେତୃତ୍ୱରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପ୍ରଦାନ କରିଛନ୍ତି। ୧ସପ୍ତାହ ମଧ୍ୟରେ ଯଦି ଦାବି ପୂରଣ ନ ହେଲେ ୨୩ ତାରିଖରୁ ଚାଷୀମାନେ କନକତୋରା ଛକରେ ଧାନବସ୍ତାରଖି ୪୯ନଂ. ଜାତୀୟ ରାଜପଥ ଅବରୋଧ କରିବା ପାଇଁ ଚେତାବନୀ ଦେଇଛନ୍ତି।

ଏଥିରେ ଉଲ୍ଲେଖ ରହିଛି ରେମତା ସେବା ସମବାୟ ସମିତିରେ ଚଳିତବର୍ଷ ପଞ୍ଜୀକୃତ ଚାଷୀମାନେ ୪୧ହଜାର ୬୩୭ କୁଇଣ୍ଟାଲ ଧାନବିକ୍ରି ପାଇଁ ଟାର୍ଗେଟ୍ ଦେଇଛନ୍ତି। ହେଲେ ଯୋଗାଣ ବିଭାଗ ତରଫରୁ ୨୫ହଜାର ୨ଶହ ଟାର୍ଗେଟ୍ ଦିଆଯାଇଛି । ବାକି ୧୬ହଜାର ୪୩୭ ଟାର୍ଗେଟ୍ ଆବଶ୍ୟକତା ରହିଛି। ସେହିପରି ଚାରପାଲି ସେବା ସମବାୟ ସମିତିରେ ପଞ୍ଜୀକୃତ ଚାଷୀମାନେ ଧାନବିକ୍ରି ପାଇଁ ୪୦ ହଜାର ୮୩୧ କୁଇଣ୍ଟାଲ ଟାର୍ଗେଟ୍ ଦେଇଛନ୍ତି। ହେଲେ ଯୋଗାଣ ବିଭାଗ ତରଫରୁ ଅଦ୍ୟାବଧି ୨୫ହଜାର ୯୬୫ କୁଇଣ୍ଟାଲ ଟାର୍ଗେଟ୍ ଦିଆଯାଇଛି । ବାକି ୧୪ହଜାର ୫ଶହ କୁଇଣ୍ଟାଲ ଟାର୍ଗେଟ୍ ଆବଶ୍ୟକତା ରହିଛି। କନକତୋରା ସମିତିରେ ପଞ୍ଜୀକୃତ ଚାଷୀମାନେ ୩୩ହଜାର ୧୩୦ କୁଇଣ୍ଟାଲ ଟାର୍ଗେଟ୍ ଦେଇଛନ୍ତି। ହେଲେ ଯୋଗାଣ ବିଭାଗ ତରଫରୁ ୨୧ହଜାର ୨୭୫ କୁଇଣ୍ଟାଲ ଟାର୍ଗେଟ୍ ଦିଆଯାଇଛି । ବାକି ୧୧ହଜାର ୮୮୫ କୁଇଣ୍ଟାଲ ଟାର୍ଗେଟ୍ ଆବଶ୍ୟକତା ରହିଛି। ଏହି ଆନ୍ଦୋଳନରେ ରେମତା ମା' ଜୟଦୁର୍ଗା କୃଷକ ସଂଘ, ଚାରପାଲି ମା' ସମଲେଶ୍ୱରୀ କୃଷକ ସଂଘ, କନକତୋରା କୃଷକ ସଂଘ କର୍ମକର୍ତ୍ତା ଅନିଲ ବାରିକ, ସୁଶାନ୍ତ ଚଇନି, ରାମ ସା, ପୂର୍ଣ୍ଣଚନ୍ଦ୍ର ବେହେରା, ଦୁର୍ଯ୍ୟୋଧନ ସା ପ୍ରମୁଖ ସାମିଲ ହୋଇଥିଲେ।

## ଖଣି ଅଧିକାରୀଙ୍କୁ ମାଡ଼ ଅଭିଯୋଗରେ ୪ ଗିରଫ

ରାଜଗାଙ୍ଗପୁର,(ଡି.ଏନ.ଏ): ଡାଲମିଆ ଭାରତ ସିମେଣ୍ଟ ଲିମିଟେଡର ଲାଞ୍ଜିବେର୍ଣ୍ଣା ମାଇନ୍ସ ଅଧିକାରୀ ସରୋଜ କୁମାର ରାଉତଙ୍କୁ ଗତ ଡିସେମ୍ବର ୧୪ ତାରିଖ ସିଆରଟୋଲିଠାରେ କେତେକ ଗ୍ରାମବାସୀ ମରଣାତ୍ମକ ଆକ୍ରମଣ କରିଥିଲେ। ଏହି ଘଟଣାରେ ରାଜଗାଙ୍ଗପୁର ପୋଲିସ ପୂର୍ବରୁ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଗୁରୁବାର ପୁଣି ୪ଜଣ ଉଦିତ ବାର୍ଲା, ସୋମା ବାର୍ଲା, ହିଲାରୁସ କେରକେଟା, ଡନସା ବାର୍ଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି, ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ ଦାବିକୁ ନେଇ କନଭେୟର ବେଲ୍ଟକୁ ବନ୍ଦ କରାଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ସେ ଦିନ ଘଟଣା ସ୍ଥଳରେ ପହଞ୍ଚି କଥାବାର୍ତ୍ତା ମାଧ୍ୟମରେ ଏହାର ସମାଧାନ କରିବା ପାଇଁ ପହଞ୍ଚିବା ପରେ ଏହି ଘଟଣା ଘଟିଥିଲା ।

**ସଂକ୍ଷେପରେ**

## ଏନ୍‌ଆଇଟି ପରିସରରେ ନିଶାମୁକ୍ତି ସଚେତନତା

ରାଉରକେଲା ଅଫିସ, ୧୮।୨: ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଉରକେଲାର ଏନ୍‌ଆଇଟି ପରିସରରେ ମୋ ଭାରତ ନିଶାମୁକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ବହୁ ସୁରକ୍ଷାକର୍ମୀ ଯୋଗଦେଇଥିଲେ। ନିଶାମୁକ୍ତି ଉପରେ ସଚେତନତା କାର୍ଯ୍ୟକ୍ରମ ଭିଜୁଆଲ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଯୋଗଦେଇଥିବା ସୁରକ୍ଷାକର୍ମୀମାନେ ନିଶାଠାରୁ କିପରି ନିଜକୁ ଦୂରେଇ ରଖିବେ ଓ ନିଜ ବନ୍ଧୁ ପରିଜନକୁ ନିଶାମୁକ୍ତ କରିପାରିବେ ସେନେଇ ସଚେତନ କରାଯାଇଥିଲା। ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ରାଉରକେଲା ସେବା କେନ୍ଦ୍ର ପକ୍ଷରୁ ବ୍ରହ୍ମ କୁମାର ରାଜୀବ, ଧନଞ୍ଜୟ, ଚିତ୍ତରଞ୍ଜନ, ବି.କେ ଉର୍ବର୍ଶୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନିଶାମୁକ୍ତ ରହିବା ଓ ସମାଜକୁ ନିଶାମୁକ୍ତ ରଖିବା ପାଇଁ ଶିବିରରେ ଯୋଗ ଦେଇଥିବା ବିଭିନ୍ନ କର୍ମକର୍ତ୍ତା ଶପଥପାଠ କରିଥିଲେ।

## ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ,୧୮।୨: ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅଞ୍ଚଳରେ ଚିଣ୍ଟୁ ସାହୁ (୨୪) ନାମକ ଜଣେ ଯୁବକ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଶାରଳା ମାର୍କେଟ ଅଞ୍ଚଳରେ ଚିଣ୍ଟୁ ସାହୁ ବାସ କରନ୍ତି। କୌଣସି କାରଣରୁ ଘରେ କେହି ନ ଥିବାବେଳେ ଚିଣ୍ଟୁ ବେକରେ ଲୁଗା ଲଗାଇ ଝୁଲି ପଡ଼ିଥିଲେ। ପାଖ ପଡ଼ୋଶୀ ଦେଖି ପୋଲିସକୁ ଖବର କରିଥିଲେ। ପୋଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରିଛି ।

## ଅଙ୍ଗନୱାଡି କର୍ମଚାରୀ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ଦେବଗଡ,୧୮।୨(ଡି.ଏନ.ଏ.): ଗୁରୁବାର ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ୮ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆସୋସିଏଶନର ଦେବଗଡ ଜିଲା ସଭାନେତ୍ରୀ ମଞ୍ଜୁବାଳା ଜେନା ଓ ସମ୍ପାଦିକା ନଳିନୀ ନନ୍ଦଙ୍କ ନେତୃତ୍ୱରେ ଜିଲାର ବହୁ ଅଙ୍ଗନୱାଡି କର୍ମୀ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ କୈବଲ୍ୟ ପ୍ରସାଦ କରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ସ୍ମାରକପତ୍ରରେ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ଘୋଷଣା କରାଯିବା ସହ ସାମାଜିକ ସୁରକ୍ଷା ପ୍ରଦାନ କରାଯିବା, ଅଙ୍ଗନୱାଡି କର୍ମୀମାନଙ୍କୁ ମାସିକ ସର୍ବନିମ୍ନ ବେତନ ୧୮ ହଜାର ଟଙ୍କା ଓ ସହାୟିକାମାନଙ୍କୁ ମାସିକ ୯ ହଜାର ଟଙ୍କା ଲେଖାଏ ବେତନ ପ୍ରଦାନ କରିବା, ରାଷ୍ଟ୍ରୀୟ ଶିକ୍ଷା ନୀତି -୨୦୨୦ ଅନୁଯାୟୀ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ଦେବା, ଆୟୁଷ୍ମାନ ଭାରତ ଯୋଜନା ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଆଦି ଦାବି ଉଲ୍ଲେଖ ରହିଛି ।

# ଅଙ୍ଗନୱାଡି କର୍ମୀଙ୍କ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା

ସୁନ୍ଦରଗଡ,୧୮।୨ (ଡି.ଏନ୍.ଏ)



ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡ଼ି କର୍ମୀମାନେ ଧାରଣା ଦେଇଛନ୍ତି ।

- ମାସିକ ୧୮ ହଜାର ଟଙ୍କା ବେତନ ଦାବି
- ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ଅଙ୍ଗନୱାଡି କର୍ମଚାରୀଙ୍କୁ ମାସିକ ୧୮ହଜାର ଟଙ୍କାର ବେତନ ଓ ଅନ୍ୟାନ ୮ ଦଫା ଦାବିନେଇ ଅଲଓଡିଶା ଅଙ୍ଗନୱାଡି ଲେଡିଏ ୱାର୍କସ୍ ଆସୋସିଏଶନ ସୁନ୍ଦରଗଡ ଜିଲା ଶାଖା ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଲ ଓଡିଶା ଅଙ୍ଗନୱାଡି ଲେଡିସ୍ ୱାର୍କସ ଆସୋସିଏସନ୍ ସୁନ୍ଦରଗଡ ଜିଲା ସଭାନେତ୍ରୀ ବାସନ୍ତୀ ବାଗ୍‌ଙ୍କ ନେତୃତ୍ୱରେ ସମ୍ପାଦିକା ବିମଳା ଲାକ୍ରାଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଧାରଣାରେ ଅଖିଳ ଭାରତୀୟ ଅଙ୍ଗନୱାଡି ମହାସଂଘର ସମ୍ପାଦିକା ଅଞ୍ଜଳି ପଟେଲ, ରାଜ୍ୟ ଉପସଭାନେତ୍ରୀ ମାନସୀ ଦାଶ, ସହସମ୍ପାଦିକା ରାଜକୁମାରୀ ବଗାର, ସବିତା ପଣ୍ଡା, ସୁଚିତା ଟପ୍ପୋ ତଥା ଜିଲା କମିଟିର ସମସ୍ତ ନେତୃବୃନ୍ଦ ଓ କର୍ମକର୍ତ୍ତା ଯୋଗଦେଇ ଅଙ୍ଗନୱାଡି କର୍ମଚାରୀମାନଙ୍କର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରି ସରକାର ଏଗୁଡିକ ପୂରଣ କରିବା ପାଇଁ ଦାବି କରିଥିଲେ । ଦାବିଗୁଡିକ ମଧ୍ୟରେ ଅଙ୍ଗନୱାଡିରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସରକାରୀ କର୍ମଚାରୀ ମାନ୍ୟତା ନ ଦେବା ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମଚାରୀଙ୍କୁ ୧୮ହଜାର ଓ ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରତିମାସରେ ପ୍ରଦାନ କରିବା, ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଦେଶରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ସହ ସମସ୍ତ କର୍ମୀଙ୍କୁ ପୂର୍ବ ପ୍ରାଥମିକ ଶିକ୍ଷିକା (ପ୍ରାଇମେରୀ ଟିଚର) ଓ ସହାୟିକାଙ୍କୁ ପୂର୍ବ ପ୍ରାଥମିକ ସହଶିକ୍ଷିକା (ପ୍ରାଇମେରୀ ଆସିଷ୍ଟାଣ୍ଟ ଟିଚର), ଇପିଏଫ୍, ଇଏସଆଇ, ଗ୍ରାଚ୍ୟୁଇଟି ଏବଂ ପେନସନ୍ ପ୍ରଦାନ ସହ ବାର୍ଷିକ ଛୁଟି ଇଏଲ, ସିଏଲ୍ ଓ ମେଡିକାଲ ଛୁଟି ପ୍ରଦାନ କରିବା , ୨୦୧୪ରୁ ଘରଭଡା ବାବଦରେ ସରକାରଙ୍କ ଦ୍ୱାରା ଘୋଷିତ ୩ହଜାର ଟଙ୍କା ଯଥାଶିଘ୍ର ପ୍ରଦାନ, ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୪ଲକ୍ଷ ଓ ସାଧାରଣ ମୃତ୍ୟୁ ପାଇଁ ୨ଲକ୍ଷ ଟଙ୍କା ଲେଖାଏଁ ବୀମାରାଶି ପ୍ରଦାନ, ଅବସରକାଳୀନ ସହାୟତା ରାଶି ଅଙ୍ଗନୱାଡି କର୍ମଚାରୀଙ୍କୁ ୨୦ ଓ ସହାୟିକାଙ୍କୁ ୧୦ହଜାର ଟଙ୍କା ପ୍ରଦାନ ସ୍ମାରକପତ୍ରରେ ଦର୍ଶାଯାଇଛି।

## ଚୋରା ଡିଜେଲ କାରବାର ଅଭିଯୋଗରେ ଯୁବକ ଗିରଫ

ଦେବଗଡ଼,୧୮।୨(ଡ଼ି.ଏନ୍.ଏ.)

ଚୋରା ଡିଜେଲ କାରବାର ଅଭିଯୋଗରେ ବାରକୋଟ ଥାନା ପୋଲିସି ରାଜାମୁଣ୍ଡା ଗ୍ରାମର ସୁରେନ୍ଦ୍ର ମହାନ୍ତ (୨୨)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ସେ ରହୁଥିବା ଭଡା ଘରୁ ଡିଜେଲ ବ୍ୟାରେଲ ଜବତ ହୋଇଛି।

ପୋଲିସ ସୂଚନା ମୁତାବକ, ୪୯ ନଂ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଓରିଏଣ୍ଟାଲ କନଷ୍ଟ୍ରକସନ୍‌ରେ ନିୟୋଜିତ ବିଭିନ୍ନ ଭାରୀ ଯାନ ଗୁଡ଼ିକରୁ କିଛି ଦିନ ହେବ ଡିଜେଲ ଚୋରି ହେଉଥିବା କମ୍ପାନୀର କର୍ମଚାରୀମାନେ ଜାଣିବାକୁ ପାଇଥିଲେ। ଏ ନେଇ କମ୍ପାନୀ କର୍ମଚାରୀ ଗୌତମ ପାତ୍ର ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ଅଭିଯୁକ୍ତ ସୁରେନ୍ଦ୍ର ପାଲଲହଡ଼ା ଥାନା ଅଞ୍ଚଳର ଅନ୍ୟ ଜଣେ ଯୁବକଙ୍କ ସହ ମିଶି କମ୍ପାନୀ ଗାଡ଼ିରୁ ଚୋରି ହୋଇଥିବା ଡ଼ିଜେଲ ନେଇ ମଣ୍ଡାଶିଳା ଗ୍ରାମର ଏକ ଭଡ଼ାଘରେ ରଖିଥିବାର ଜଣାପଡ଼ିଥିଲା । ଫଳରେ ବୁଧବାର ବିଳମ୍ବିତ ରାତିରେ ବାରକୋଟ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ସଦଳବଳେ ଉକ୍ତ ଭଡ଼ାଘରେ ଚଢ଼ାଉ କରି ୨୦୦ଲିଟର କ୍ଷମତାର ୧୦ଟି ଓ ୬୦ ଲିଟର କ୍ଷମତାର ୧୩ଟି ଡିଜେଲ ଭର୍ତ୍ତି ବ୍ୟାରେଲ ଜବତ କରିଥିଲେ । ଏହି ଘଟଣାରେ ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ସହଯୋଗୀ ଫେରାର ଥିବା ଜଣାପଡିଛି।

## 'ଗାନ୍ଧୀଙ୍କ ଓଡ଼ିଶା' ନାଟକର ମହୁରତ



ନାଟକର ଶୁଭ ମହୁରତ ଅବସରରେ କଳାକାର ଓ ଅନ୍ୟମାନେ ।

ଦେବଗଡ,୧୮।୨(ଡ଼ି.ଏନ୍.ଏ.)

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଦେବଗଡ ଜିଲାର ନାଟ୍ୟାନୁଷ୍ଠାନ' ନବ ନାଟ୍ୟ ନିକେତନ' ଓ 'ବାମଣ୍ଡା କଳାକାର ସଂଘ'ର ମିଳିତ ଆନୁକୂଲ୍ୟରେ ଆସନ୍ତା ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟାରେ' ଗାନ୍ଧୀଙ୍କ ଓଡିଶା' ନାଟକ ପରିବେଷଣ କରାଯିବ । ଏହି ପରିପ୍ରେକ୍ଷୀରେ 'ନବ ନାଟ୍ୟ ନିକେତନ' ଓ 'ବାମଣ୍ଡା କଳାକାର ସଂଘ'ପକ୍ଷରୁ ସ୍ଥାନୀୟ ଶ୍ରୀଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ବୁଧବାର ମହୁରତ ଉତ୍ସବ ହୋଇଯାଇଛି । ଏହି ଉତ୍ସବରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ହେମନ୍ତ କୁମାର ମହାପାତ୍ର , ନାଟ୍ୟ ଅଭିନେତା ବିପିନ ବିହାରୀ ନନ୍ଦ, ପ୍ରଶାନ୍ତ କୁମାର ଦ୍ୱିବେଦୀ, ମନୋଜ କୁମାର ପାଢୀ, ଦିଲୀପ କୁମାର ଗୁରୁ, ରୋମିଓ ମହାପାତ୍ର, ମଙ୍ଗଳ ମହାଙ୍କୁର, ସନ୍ତୋଷ କୁମାର ସାହୁ, କୁମୁଦ ଚନ୍ଦ୍ର ଶତପଥୀ , ଶିଶିର ଦାଶଙ୍କ ସମେତ ବହୁ କଳାକାର ଉପସ୍ଥିତ ଥିଲେ। ଏହି ଅବସରରେ ନାଟକର ପାଣ୍ଡୁଲିପି ପୂଜନ କରାଯିବା ସହ ନାଟକର ଏକ ଦୃଶ୍ୟ ରିହର୍ଶାଲ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ରୋମିଓ ମହାପାତ୍ର ଦେବେ। ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟାରେ ଏହା ସ୍ଥାନୀୟ ଟାଉନ ହଲଠାରେ ପ୍ରଦର୍ଶିତ ହେବ ।

# ଧାନକିଣା ବନ୍ଦ ନିଷ୍ପତ୍ତିର ପ୍ରତିବାଦ



ଅନଶନରତ ଚାଷୀମାନେ ।

ଦେବଗଡ,୧୮।୨(ଡି.ଏନ.ଏ.)

**ଚାଷୀଙ୍କ ଆମରଣ ଅନଶନ ଦ୍ୱିତୀୟ ଦିନରେ**

ଧାନ କିଣା ବନ୍ଦ ନିଷ୍ପତ୍ତିର ପ୍ରତିବାଦରେ କଣ୍ଢାପାଲି କୃଷି ସେବା ସମବାୟ ସମିତି ଅଧୀନ ଚାଷୀମାନେ ଚଳାଇଥିବା ଆମରଣ ଅନଶନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ବୁଧବାର ରାତିରେ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ଅନଶନ ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ତେବେ ସମସ୍ତ ବକେୟା ଧାନ କ୍ରୟ ପାଇଁ ଲିଖିତ ପ୍ରତିଶ୍ରୁତି ଦେବାକୁ ଚାଷୀମାନେ ଅଡି ବସିବାରୁ ଆଲୋଚନା ବିଫଳ ହୋଇଥିଲା । ଫଳରେ ଅନଶନକାରୀମାନେ ରାତି ସାରା ଶୀତ କାକରରେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିଲେ । ଅନୁରୂପ ଭାବେ ସେମାନେ ଗୁରୁବାର ସେଠାରେ ବସି ରହିଥିବା ବେଳେ ଅପରାହ୍ନରେ ଜିଲା ଯୋଗାଣ ଅଧିକାରୀ ଗଣେଶ୍ୱର ଚୌଧୁରୀ ୨ଜଣ ଏସିଏସ୍‌ଓଙ୍କ ସହ ସେଠାକୁ ଯାଇଥିଲେ । ସେ ଅନଶନରତ ଚାଷୀଙ୍କ ସହ ଆଲୋଚନା କରି କଣ୍ଢାପାଲି କୃଷି ସେବା ସମବାୟ ସମିତିକୁ ଦିନେ ଦୁଇଦିନ ମଧ୍ୟରେ କିଛି ଟାର୍ଗେଟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଅନଶନ ପ୍ରତ୍ୟାହାର ପାଇଁ ବୁଝାଇଥିଲେ। ମାତ୍ର ସମସ୍ତ ବକେୟା ଧାନ କ୍ରୟ ପାଇଁ ଚାଷୀମାନେ ଲିଖିତ ପ୍ରତିଶ୍ରୁତି ଦାବି କରିବାରୁ ଆଲୋଚନା ବିଫଳ ହୋଇଥିଲା। ଚାଷୀ ଟିକେଶ୍ୱର ଭୋଇ, ମଧୁସୂଦନ ମହାକୁଳ, ବିଜୟାନନ୍ଦ ପ୍ରଧାନ,ମହାଦେବ ପଙ୍କା ଓ କୁଳମଣି ସାହୁ ପ୍ରମୁଖ ଅନଶନରେ ବସିଛନ୍ତି ।

ସୂଚନାଯୋଗ୍ୟ ଯେ,କଣ୍ଢାପାଲି ସେବା ସମବାୟ ସମିତି ପକ୍ଷରୁ ୮୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଧାନ ବିକ୍ରୟ ନିମନ୍ତେ ଟୋକନ ପ୍ରଦାନ କରାଯିବା ସହ ସେମାନଙ୍କ ମୋବାଇଲକୁ ମାସେଜ ମଧ ଆସିଛି । ଏହା ସତ୍ତ୍ୱେ ଟାର୍ଗେଟ ନ ଥିବା ଦର୍ଶାଇ ଉକ୍ତ ସେବା ସମବସୟ ସମିତି ପକ୍ଷରୁ ଗତ ଜାନୁୟାରୀ ୨୬ ତାରିଖଠାରୁ ଧାନ କ୍ରୟ ବନ୍ଦ କରାଯାଇଛି ।

## ସାଇକେଲରୁ ପଡ଼ି ଜଣଙ୍କ ମୃତ୍ୟୁ

ବ୍ରଜରାଜନଗର,୧୮।୨(ଡି.ଏନ୍.ଏ.)

ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ଲୋଇସିଂ ପଞ୍ଚାୟତର କୋଇଲଗା ବ୍ରିଜ୍ ଉପରୁ ସାଇକେଲରୁ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଲପାହାଡ଼ ପୌରାଞ୍ଚଳ ଛୁଆଲିବେର୍ଣ୍ଣା ଗ୍ରାମର କୁତୁଲୁ ଖଡିଆ। ବୁଧବାର ସନ୍ଧ୍ୟାରେ ଘଟଣା ଘଟିଥିଲେ ହେଁ ଗୁରୁବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କୁତୁଲ ଏକ ବିବାହ କାର୍ଯ୍ୟରେ ଯୋଗଦେବାକୁ ତିଲେଇମାଲ ଗ୍ରାମକୁ ଯାଉଥିବାବେଳେ ଏଭଳି ଦୁର୍ଘଟଣା ଘଟିଥିବା ଜଣାପଡିଛି।

## ଦୋକାନରୁ ଚୋରି

ସମ୍ବଲପୁର, ୧୮।୨ (ବ୍ୟୁରୋ)

ସମ୍ବଲପୁର ସଦର ଥାନା ସିନ୍ଦୂରପଙ୍କ ଛକରେ ଥିବା ମାଁ ପିତାବଳୀ ସେଲ୍ସ ପ୍ରୋ ନାମକ ଦୋକାନରୁ ଚୋରି ହୋଇଛି। ଦୋକାନ ମାଲିକ ବିନୟ କର ଏ ନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ଝରକା ତାଡି ଦୋକାନକୁ ପ୍ରବେଶ କରିଥିଲେ। ଦୋକାନରେ ଥିବା କମ୍ପ୍ୟୁଟର, ପ୍ରିଣ୍ଟର ମେଶିନ, ଟଙ୍କା ଗଣିବା ମେଶିନ, ପାଣି ପାଇପ, ରଙ୍ଗ ଆଦି ଚୋରି ହୋଇଛି। ଏହାର ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ହେବ ବୋଲି ଦର୍ଶାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଗଛରେ ପିଟିହେଲା କାର୍: ୨ ଓକିଲଙ୍କ ସମେତ ୩ ଗୁରୁତର

ରେଢ଼ାଖୋଲ,୧୮।୨(ଡି.ଏନ୍.ଏ.)

ରେଢ଼ାଖୋଲ ସହର ଉପକଣ୍ଠ ପୁରୁଣା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ସମ୍ବଲପୁରରୁ ଆସୁଥିବା ଏକ କାର୍ (ଓଡି୧୫ବି-୬୭୮୬) ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ କାର୍‌ରେ ଥିବା ସମ୍ବଲପୁର ଜିଲା ଜଜ୍‌କୋର୍ଟର ୨ ସରକାରୀ ଓକିଲ ଅଶୋକ କୁମାର ସେନାପତି (୬୦) ଓ ପ୍ରଦୀପ କୁମାର ଦୋରା (୪୫)ଙ୍କ ସମେତ ରେଢାଖୋଲ ଆସିଷ୍ଟାଣ୍ଟ ସେସନ୍ସ କୋର୍ଟରେ କାର୍ଯ୍ୟରତ ମୁଖ୍ୟ କିରାଣି ସୂର୍ଯ୍ୟନାରାୟଣ ଶତପଥୀ (୪୭) ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କୁ ଅଗ୍ନିଶମ ବାହିନୀ ରେଢାଖୋଲ ଡାକ୍ତରଖାନା ନେଇଥିଲା। ଅଶୋକ ଚିକିତ୍ସିତ ହୋଇ ଫେରିଥିବାବେଳେ ସୂର୍ଯ୍ୟନାରାୟଣ ଓ ପ୍ରଦୀପଙ୍କୁ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଛି। ପୋଲିସ କାର୍ ଜବତ କରିବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିଛି।

## ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ

କୁଆଁରମୁଣ୍ଡା,୧୮।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଡୁମେରଯୋର ପଞ୍ଚାୟତ ଉତ୍ସ୍ରାଠାରେ ଗୁରୁବାର ଓଡିଶା ମୋ ପରିବାର ପକ୍ଷରୁ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡୁମେରଯୋର ପଞ୍ଚାୟତର ସାମାଜିକ କର୍ମୀ ରାଜେନ୍ଦ୍ର କୁଜୁର ନିଜର ଜନ୍ମ ଦିନରେ କେକ୍ ନ କାଟି ରକ୍ତଦାନ,ମହତ କାର୍ଯ୍ୟ ବୋଲି ଅନୁଭବ କରିବା ସହ ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଅଂଶ ଗ୍ରହଣ କରି ୨୦ ୟୁନିଟ୍‌ରୁ ଉର୍ଦ୍ଧ୍ୱ ରକ୍ତଦାନ କରିଛନ୍ତି। ରାଉରକେଲା ସରକାରୀ ଡାକ୍ତରଖାନା ରକ୍ତ ଭଣ୍ଡାରର କର୍ମଚାରୀମାନେ ମୋବାଇଲ ଭ୍ୟାନରେ ଏହି ରକ୍ତ ସଂଗ୍ରହ କାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, କୁଆଁରମୁଣ୍ଡା ବ୍ଲକ ଅଧକ୍ଷା ମାଗଦାଲି କୋନଗାଡି, ଉପାଧକ୍ଷ ଶ୍ୟାମସୁନ୍ଦର ସାହୁ, ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ଗଜେନ୍ଦ୍ର ସାହୁ, ରାଜେଶ ହାସଦା, ଜିଲା ପରିଷଦ ସଭ୍ୟ ସୁନିତା ଅହିର,ସନ୍ଦୀପ ମିଶ୍ରଙ୍କ ସହ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ ।


ଉତ୍ସ୍ରାଠାରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଉପସ୍ଥିତ ବିଶିଷ୍ଟ କର୍ମକର୍ତ୍ତା।

# ସିଆଇଟିୟୁର ରେଲରୋକୋ



ସିଆଇଟିୟୁ ତରଫରୁ ରେଲରୋକୋ ଆନ୍ଦୋଳନ।

ଲହୁଣୀପଡା, ୧୮।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସାନରକ୍ସି, ବିମଳାଗଡ, ପଟାସାହିଠାରେ ଗୁରୁବାର ସମ୍ମୁକ୍ତ କିଷାନ ମୋର୍ଚ୍ଚା ଓ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ଡାକରାରେ ସିଆଇଟିୟୁ ତରଫରୁ ରେଲରୋକୋ ଆନ୍ଦୋଳନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ କୃଷକ ଆଇନ ଓ ବିଦ୍ୟୁତ ଆଇନ ୨୦୨୦ ବିରୋଧରେ ସମ୍ମୁକ୍ତ କିଷାନ ମୋର୍ଚ୍ଚା ଓ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ଏହି ରେଲରୋକୋ ଆନ୍ଦୋଳନ ତିନୋଟି ରେଳ ଷ୍ଟେସନରେ ଅନୁଷ୍ଠିତ ହୋଇଥିଲା। ସାନରକ୍ସି ଠାରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଆନନ୍ଦ ହରୋଙ୍କ ନେତୃତ୍ୱରେ ସାରାନୀ ସୁରିନ, ବାହାଲେନ ଭେଙ୍ଗ୍ରା, ଶାନ୍ତି ହରୋ, ନେଲସନ ମୁଣ୍ଡା, ଶାନ୍ତନୁ କୁମାର ନନ୍ଦ, ଧିରେଶ କୁମାର ବଳ, ବିମଳାଗଡଠାରେ ଜିଲା ପରିଷଦ ସଭସ୍ୟ ଗୋପୀନାଥ ମାହାନ୍ତଙ୍କ ନେତୃତ୍ୱରେ ପଞ୍ଚମ ପୂର୍ତ୍ତି, ସରପଞ୍ଚ ଗାଙ୍ଗୀ ସାଏ, ଶାନ୍ତି ନନ୍ଦ ଟିଗା ଓ ପଟାସାହିଠାରେ ସମନ୍ତ କୁମାର ମାହାନ୍ତ ଓ ପୂର୍ବତନ ଗୋପନା ସରପଞ୍ଚ ସୁଶିଲା ମୁଣ୍ଡାଙ୍କ ନେତୃତ୍ୱରେ ରେଲରୋକୋ ଆନ୍ଦୋଳନ କରାଯାଇଥିବାବେଳେ ଏଥିରେ ବହୁ ସଂଖ୍ୟାରେ କର୍ମକର୍ତ୍ତା ଓ କର୍ମୀ ସାମିଲ ଥିଲେ।

## ରାଉରକେଲାରେ ରେଲରୋକୋ

ରାଉରକେଲା ଅଫିସ, ୧୮।୨

ରାଉରକେଲା ରେଲଷ୍ଟେସନ ପରିସରରେ ସିଟୁର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ରେଲରୋକୋ ଆନ୍ଦୋଳନ କରାଯାଇଛି। ଗୁରୁବାର ୧୧ଟାରେ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ(ସିଟୁ)ର ବହୁ କର୍ମକର୍ତ୍ତା ରାଉରକେଲା ରେଲଷ୍ଟେସନରେ ପହଞ୍ଚି ୩ଟି କଳା କୃଷି ଆଇନ ଓ ବିଦ୍ୟୁତ୍ ବିଲ୍ ୨୦୨୦କୁ ବାତିଲ କରିବା ପାଇଁ ଦାବିକରି ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମ୍ମୁକ୍ତ କିଷାନ ମୋର୍ଚ୍ଚା ଓ ଅଖିଳ ଭାରତ କୃଷକ ସଂଘ ସମନ୍ୱୟ ସମିତି ରାଉରକେଲା ପକ୍ଷରୁ ଏହି ବିକ୍ଷୋଭକୁ ସଫଳ କରାଯାଇଥିଲା। ଦଳର ବହୁ କର୍ମକର୍ତ୍ତା ରାଉରକେଲା ସ୍ଥିତ ଷ୍ଟେସନ ରେଲଧାରଣା ଉପରେ ଠିଆହୋଇ ବିଭିନ୍ନ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନଗୁଡିକୁ ଅଟକ ରଖିଥିଲେ। ବହୁ ସମୟର ରେଲରୋକୋ ହୋଇଥିବାରୁ ବହୁ ଯାତ୍ରୀ ଓ ରେଳ କର୍ମଚାରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରେ ଆରପିଏଫ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ଗିରଫ କରିବା ସହ କିଛି ସମୟ ପରେ ଛାଡ଼ି ଦେଇଥିଲେ। ଦିଲ୍ଲୀରେ ଆଜିକୁ ଅଢେଇ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ କୃଷକ ଆନ୍ଦୋଳନର ସମସ୍ୟାର ସମାଧାନ ହୋଇପାରିଲା ନ ଥିବାବେଳେ ୨୦୨୦ରେ ପ୍ରଣୟନ ହୋଇଥିବା ବିଦ୍ୟୁତ୍ ବିଲକୁ ଯଥାଶୀଘ୍ର ବାତିଲ କରିବା ପାଇଁ କେନ୍ଦ୍ର ସରକାର ପକ୍ଷରୁ ତତ୍ପରତା ଦେଖାଯାଇ ନ ଥିଲା। ଫଳରେ ଦଳପକ୍ଷରୁ ବିଭିନ୍ନ କର୍ମକର୍ତ୍ତା ଏଭଳି ରେଲରୋକୋ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିରେ ବିମାନ ମାଇତି, ବିଷ୍ଣୁ ପଣ୍ଡା, ରାଜ କିଶୋର ପ୍ରଧାନ, ଜାହାଙ୍ଗୀର ଅଲ୍ଲୀ, ସୁଭାଷ ରାଉତଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୯ ଫେବୃୟାରୀ, ୨୦୨୧



### ଲାପ୍ସ ଟୋକନ ରି-ଜେନେରେଟ ଧାନ ଶୀଘ୍ର ଉଠାଇବା ଦାବି

ପାଇକମାଲ,(ଡି.ଏନ.ଏ.): ପାଇକମାଲ ବ୍ଲକ ମାଣ୍ଡୋସିଲ ଧାନ ମଣ୍ଡିଠାରେ ଶେଖ ମହମ୍ମଦ ହନିଫ୍‌ଙ୍କ ସଭାପତିତ୍ୱରେ ଚାଷୀମାନଙ୍କୁ ନେଇ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା । ବୈଠକରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଉପସ୍ଥିତ ଥିଲେ। ବୈଠକରେ ଟୋକନ ଲାପ୍ସ ହୋଇଥିବା ବିଷୟରେ ଆଲୋଚନା କରାଯାଇ ଟୋକନଗୁଡିକର ରି-ଜେନେରେଟ କରି ଚାଷୀମାନଙ୍କ ଧାନ ଶୀଘ୍ର ଉଠାଇବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ବୈଠକରେ ଲଳିତ ଜଗତ, ତରଣୀ ଷଡଙ୍ଗୀ, ଧନସିଂ ପଟେଲ, ବନବାସ ସାହୁ, ସୁବାଷ ଚନ୍ଦ୍ର ହଂସ, ଭିକାରୀ ଚନ୍ଦ୍ର ବିଶ୍ୱାଳ, ଗୋବିନ୍ଦ ମାଝି, କୈଳାଶ ଦାସ, ଦୁଃଶାସନ କୁମ୍ଭାର, ମହେନ୍ଦ୍ର ସାହୁ ଓ ଶଙ୍କର ମାଝି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାଜପାର ସାଙ୍ଗଠନିକ ବୈଠକ

ଦେଓଗାଁ,୧୮।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ଓ ଜରାସିଂହାରେ ଭାଜପାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯୁବନେତା ଭୋଳାନାଥ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା ଯୋଗଦେଇ ଆଗାମୀ ଦିନରେ ଦଳୀୟ ସ୍ଥିତିକୁ ପଞ୍ଚାୟତ ଓ ଗାଁମାନଙ୍କରେ ସଦୃଢ଼ କରିବା ପାଇଁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଗ୍ରାମାଞ୍ଚଳ ଲୋକଙ୍କୁ ଅବଗତ କରିବା ପାଇଁ କର୍ମକର୍ତ୍ତାଙ୍କୁ ସୂଚନା ଦିଆଯାଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ କର୍ମକର୍ତ୍ତା ଏବେଠାରୁ ରଣନୀତି ପ୍ରସ୍ତୁତ କରିବାକୁ ନେତୃବର୍ଗ ଆହ୍ୱାନ ଦେଇଥିଲେ। ବୈଠକରେ ଦିଗରାଜ ପଧାନ, ସନ୍ତୋଷ ଧରୁଆ, ରତନ ମାଝୀ, ନରେନ୍ଦ୍ର ଧରୁଆ, ହରେକୃଷ୍ଣ ମାଝୀ, ସୁଶାନ୍ତ ସାମଲ, ଲକ୍ଷ୍ମଣ କୁଅଁର, ଅଶୋକ ଭୋଇ, ସତ୍ୟ ମାଝୀ, ରାଧେଶ୍ୟାମ ପୋଡ଼, ମାନୁ ମେଲ୍ଲି, ଘନଶ୍ୟାମ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

### ସ୍କୁଲ ବନ୍ଦ ନ କରିବାକୁ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଭବାନୀପାଟଣା, ୧୮।୨ (ଡି.ଏନ.ଏ.): ଟେମରିଆପଡା ପ୍ରାଥମିକ ବିଦ୍ୟାଳୟ ବନ୍ଦ ନ କରିବା ପାଇଁ ଗୁରୁବାର ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ତରାପୁର ଗ୍ରାମପଞ୍ଚାୟତ ଅଧୀନ ଟେମରିଆପଡା ଗାଁ ଲୋକେ ଅଭିଯୋଗ କରିଛନ୍ତି ଯେ, ଟେମରିଆପଡା ଗ୍ରାମପଞ୍ଚାୟତଠାରୁ ତାରାପୁର ୪ କି.ମି. ଦୂରରେ ଅବସ୍ଥିତ। ଏହି ୪ କି.ମି. ଭିତରେ ବୁଢାରଜା ପାହାଡ, କେନାଲ ରାସ୍ତା ଦେଇ ଯିବାଆସିବା କରିବାକୁ ପଡିଥାଏ। ଟେମରିଆପଡା ଏକ ଆଦିବାସୀ ବହୁଳ ଗ୍ରାମ । ଗ୍ରାମବାସୀ କୁଲିମଜୁରି କରି ଜୀବନ ଜାପନ କରନ୍ତି। ୧୯୭୩ରେ ଏଠାରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ପିଲା ସଂଖ୍ୟା ଅଧିକ ଅଛନ୍ତି। ଗ୍ରାମରେ ଭୋଟର ସଂଖ୍ୟା ୨୫୦ ଥିବା ବେଳେ ପିଲା ସଂଖ୍ୟା ୨୦ରୁ ଅଧିକ ହେବ। ବର୍ତ୍ତମାନ କର୍ଲାକୋର୍ଟ ଗ୍ରାମ ଟେମରିଆପଡାଠାରୁ ୩ କି.ମି. ହେଲେ ମଧ ମୁଖ୍ୟ କେନାଲ ମଧରେ ଯିବାକୁ ପଡୁଛି। ଭଲ ରାସ୍ତା ମଧ ନାହିଁ। ଏଣୁ ଉକ୍ତ ବିଦ୍ୟାଳୟକୁ ଟେମରିଆପଡାରୁ ସ୍ଥାନାନ୍ତରିତ ନ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ଟ୍ରାଫିକ ସମସ୍ୟା ନେଇ ଦାବିପତ୍ର

ଭବାନୀପାଟଣା, ୧୮।୨ (ଡି.ଏନ.ଏ.): କଳାହାଣ୍ଡି ଜିଲାରେ ଟ୍ରାଫିକ ସମସ୍ୟା ନେଇ କଳାହାଣ୍ଡି ସିଟିଜେନ ଫୋରମ୍ ପକ୍ଷରୁ ଏସପିଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦିଆଯାଇଛି। ଭବାନୀପାଟଣାରେ ପିସିଆର ଭ୍ୟାନ୍ ସୁପରିଚାଳନା, ଦ୍ରୁତ ବାଇକ୍ ଚାଳକଙ୍କୁ ଧରପଗଡ ଓ ଟ୍ରାଫିକ ସୁପରିଚାଳନା ନେଇ ଏସପି ଡା. ଶ୍ରବଣ ବିବେକ ଏମ୍‌ଙ୍କୁ ଦାବିପତ୍ର ଦେଇଥିଲେ। ପ୍ରତିନିଧି ଦଳରେ ଉପସଭାପତି ସୁବାସ ଚନ୍ଦ୍ର ଚାନ୍ଦ, ସମ୍ପାଦକ ସୀମାଞ୍ଚଳ ମିଶ୍ର, ସଭ୍ୟ ପ୍ରାଣ କିଶୋର ପଣ୍ଡା ପ୍ରମୁଖ ସାମିଲ ଥିଲେ।

### ଖବରକାଗଜ ବିତରକଙ୍କ ମୋବାଇଲ ଲୁଟିନେଲେ ଦୁର୍ବୃତ୍ତ

ଜୁନାଗଡ଼, ୧୮।୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ସହର ଜଣେ ଖବରକାଗଜ ବିତରକଙ୍କଠାରୁ ଦୁର୍ବୃତ୍ତ ଆଖିରେ ଲଙ୍କାଗୁଣ୍ଡ ପକାଇ ମୋବାଇଲ ଲୁଟିନେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ ଜୁନାଗଡ଼ ସହରର ଖବରକାଗଜ ବିତରକ (ହକର) ଉପେନ୍ଦ୍ର କୁଣ୍ଡୁ ବୁଧବାର ଭୋର ୫ଟାରେ ପେପର ବାଣ୍ଟିବା ପାଇଁ ଘରୁ ସାଇକେଲରେ ପୁରୁଣା ବସଷ୍ଟାଣ୍ଡକୁ ଆସୁଥିଲେ। ଏହି ସମୟରେ ଲକ୍ଷ୍ମୀସାଗର ବନ୍ଧହୁଡାଠାରେ ଜଣେ ଦୁର୍ବୃତ୍ତ ଉପେନ୍ଦ୍ରଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଦେଇଥିଲେ। ଆଖି ଜଳାପୋଡାରେ ଛଟପଟ ହେଉଥିବା ବେଳେ ଉପେନ୍ଦ୍ରଙ୍କ ସାର୍ଟ ପକେଟରେ ଥିବା ମୋବାଇଲକୁ ଧରି ଫେରାର ହୋଇଯାଇଥିଲେ। ଏ ନେଇ ଉପେନ୍ଦ୍ର ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଅଖା ଫେରେଇଲେନି, ଟଙ୍କା ଦେଲେନି

**ଖରିଫ ଧାନକିଣାରେ ଅବ୍ୟବସ୍ଥା**

**■ଚାଷୀଙ୍କ ଅଖା ବାବଦ ୩ କୋଟିରୁ ଉର୍ଦ୍ଧ୍ୱ ହଡ଼ପ**

ସୋନପୁର,୧୮।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ୨୦୨୧ ଖରିଫ ଧାନ କିଣା ସମୟରେ ଅଖା ବାବଦରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଛି। ଚାଷୀଙ୍କ ଅଖାକୁ ମିଲର୍ସ ଫେରାଉ ନାହାନ୍ତି କି ସେ ବାବଦ ଟଙ୍କା ଦେଉନାହାନ୍ତି। ଏ ନେଇ ସରକାରଙ୍କ ନିର୍ଦ୍ଦେଶକୁ ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ଚାଷୀ କ୍ଷତି ସହୁଛନ୍ତି। ଜିଲାରେ ଧାନକିଣା ସମୟରେ ଶ୍ରମିକଙ୍କ ନାମରେ ମଧ୍ୟ ପ୍ରତିବର୍ଷ ପ୍ରାୟ ୩ କୋଟି ଟଙ୍କା ହଡ଼ପ କରାଯାଉଛି। ଏହି ଟଙ୍କା ମିଲର୍ସ, ନେତା ଓ ପ୍ରଶାସନିକ ଅଧିକାରୀଙ୍କ ପକେଟ୍‌କୁ ଯାଉଛି ।

ସୁବର୍ଣ୍ଣପୁର ଜିଲାରେ ପ୍ରତିବର୍ଷ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଜରିଆରେ ଧାନ କିଣି ଯୋଗାଣ ନିଗମ ମିଲର୍ସମାନଙ୍କୁ ଦେଉଛି । ତେବେ ଏହି ଧାନ କିଣାରେ ବ୍ୟାପକ ଦୁର୍ନୀତି ହେଉଛି । ଚାଷୀ ମଣ୍ଡି ପର୍ଯ୍ୟନ୍ତ ନିଜ ଖର୍ଚ୍ଚରେ ଧାନ ପହଞ୍ଚାଇବ ବୋଲି ନିୟମ ରହିଛି । ସେହି ଧାନର ମାନ ପରୀକ୍ଷା ପରେ ମଣ୍ଡିରେ ଧାନ ରଖାଯିବ ଏବଂ ଚାଷୀମାନଙ୍କୁ ସେମାନଙ୍କ ଓଜନ ମୁତାବକ ରସିଦ୍ ଦେଇ ତାଙ୍କର ଅଖା ଫେରାଇ ଦିଆଯିବ। ଯଦି ସେହି ଅଖା ବସ୍ତାକୁ ମିଲର୍ସ ନେବେ ତା ହେଲେ ଅଖା ବାବଦକୁ ଚାଷୀକୁ ଟଙ୍କା ଫେରସ୍ତ ଦିଆଯିବ । କିନ୍ତୁ କୌଣସି ବର୍ଷ ଚାଷୀଙ୍କୁ ଅଖାବସ୍ତାର ଟଙ୍କା ଦିଆ ଯାଉନାହିଁ। ଚଳିତ ଖରିଫରେ ୬୨ଟି ପ୍ୟାକ୍ସ ଓ ୧୮ଟି ଏସ୍‌ଏଚ୍‌ଜି ଜରିଆରେ ଗୁରୁବାର ସୁଦ୍ଧା ୩୪ଲକ୍ଷ ୨୪ହଜାର ୮୫୦କୁଇଣ୍ଟାଲ ଧାନ କିଣାଯାଇଛି। ୫୨ ମିଲର୍ସ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଚାଷୀ ଏବେ ୪୦ରୁ ୫୦ କିଲୋ ଧାନ ଭର୍ତ୍ତି ହେଉଥିବା ଜରି ବସ୍ତାରେ ଧାନ ମଣ୍ଡିକୁ ଆଣୁଛି। ଧାନ ପ୍ୟାକେଟ୍ ୫୦କିଲୋ ଲେଖାଏଁ ହେଲେ ଏ ବାବଦରେ ଚାଷୀଙ୍କ ୬୮ଲକ୍ଷ ୪୯ହଜାର ୭୦୧ ଅଖା ବସ୍ତା ମିଲର୍ସମାନେ ନେଇଛନ୍ତି। ବସ୍ତା ପ୍ରତି ୫ ଟଙ୍କା ହେଲେ ଚାଷୀଙ୍କ ଅଖାର ମୂଲ୍ୟ ପ୍ରାୟ ୩ କୋଟି ୪୨ ଲକ୍ଷ ୪୮ ହଜାର ୫୦୫ ଟଙ୍କା। ଜିଲାରେ ବର୍ଷ ବର୍ଷ ଧରି ଏଭଳି ଲୁଟ୍ ଚାଲିଛି। ପ୍ରତିବର୍ଷ ଚାଷୀଙ୍କ ବସ୍ତା ବାବଦକୁ ପ୍ରାୟ ୭ କୋଟି ଟଙ୍କାର ଦୁର୍ନୀତି କରାଯାଉଛି। ଗତ ୧୦ ବର୍ଷରେ ୭୦କୋଟିରୁ ଉର୍ଦ୍ଧ୍ୱ କେବଳ ଚାଷୀଙ୍କ ଅଖା ବସ୍ତାରେ ଦୁର୍ନୀତି ହୋଇ ସାରିଲାଣି। ଚାଷୀମାନେ ବିଭାଗୀୟ ଅଧିକାରୀମାନଙ୍କ ଜ୍ଞାତସାରରେ ଲୁଟ୍‌ର ଶିକାର ହେବାରେ ଲାଗିଛନ୍ତି। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏ ସମ୍ପର୍କରେ ବିଶେଷ ଆଲୋଚନା ହେଉନାହିଁ । ମଣ୍ଡି ହ୍ୟାଣ୍ଡଲିଂ ଟଙ୍କା ମିଲର୍ସ ପାଉଥିବା ବେଳେ ଚାଷୀଙ୍କୁ ଅଖାବସ୍ତା ବାବଦ ଟଙ୍କା ମିଳୁନି । ଯଦି କେହି ମିଲର୍ସଙ୍କ ନିକଟକୁ ଯାଇ ହୋହଲ୍ଲା କଲେ ଅଖା ଫେରି ପାଉଛି। ଯଦି ଚାଷୀଙ୍କୁ ଅଖା ବାବଦ ଟଙ୍କା ଦେବାକୁ ମିଲର୍ସ ଅମଙ୍ଗ ହେଉଛନ୍ତି, ତା ହେଲେ ସରକାରଙ୍କ ମଣ୍ଡି ବ୍ୟବସ୍ଥା ଅନୁଯାୟୀ ଚାଷୀଙ୍କୁ ତାଙ୍କର ଅଖା ମଣ୍ଡିରୁ ହିଁ ଫେରାଇ ଦିଆଯାଉ ବୋଲି ଜିଲା କୃଷକ ବିକାଶ ସମନ୍ୱୟ ସମିତିର ସଭାପତି ରାଜେନ୍ଦ୍ର ନାୟକ ଦାବି କରିଛନ୍ତି ।

ଚାଷୀ ସଂଗଠନଗୁଡିକ ପକ୍ଷରୁ ଏଭଳି ଅଭିଯୋଗ ପରେ ଅତିରିକ୍ତ ନିର୍ଦ୍ଦେଶକ ଖାଦ୍ୟ ଯୋଗାଣ ତଥା ଅତିରିକ୍ତ ଶାସନ ସଚିବ ଧୀରେନ୍ଦ୍ର କୁମାର ସାହୁ ଗତ ୧୨ ତାରିଖରେ ସମସ୍ତ ଜିଲାପାଳଙ୍କୁ ଚାଷୀଙ୍କ ଅଖା ଫେରସ୍ତ ସମ୍ପର୍କରେ ଚିଠି ଲେଖିଛନ୍ତି। ଏଥିରେ ଖିଲାପ ହେଲେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ପଚାରିବାରେ ଚାଷୀଙ୍କୁ ଅଖା ବସ୍ତା ମଣ୍ଡିରୁ ହିଁ ଫେରାଇ ଦେବା କଥା। ଯଦି ମିଲର୍ସ ଅଖା ନେଇଛନ୍ତି ଚାଷୀଙ୍କୁ ସେ ବାବଦରେ ଟଙ୍କା ଦେବେ। ଏ ବାବଦରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।


ଓଡିଶା ସରକାର
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ
File No. FSCW-... letter No. Dated ...
... ଟ.10.00 ... ଟ.5.00 ... 6397 ତା.29.03.2016 ...
ଅତିରିକ୍ତ ନିର୍ଦ୍ଦେଶକ (ଖାଦ୍ୟ ଯୋଗାଣ) ତଥା ଅତିରିକ୍ତ ଶାସନ ସଚିବ

ଅତିରିକ୍ତ ନିର୍ଦ୍ଦେଶକ ଖାଦ୍ୟ ଯୋଗାଣ ତଥା ଅତିରିକ୍ତ ଶାସନ ସଚିବ ଧୀରେନ୍ଦ୍ର କୁମାର ସାହୁ ଜିଲାପାଳଙ୍କୁ ଲେଖିଥବା ଚିଠି।

# ଅଙ୍ଗନୱାଡି କର୍ମୀଙ୍କ ଦାବିପତ୍ର



ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାରକର୍ସ୍ ଆସୋସିଏଶନ୍ ଆୟୋଜିତ ଶୋଭାଯାତ୍ରା।

ଭବାନୀପାଟଣା, ୧୮।୨ (ଡି.ଏନ.ଏ.)

ଗୁରୁବାର ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାରକର୍ସ୍ ଆସୋସିଏଶନ୍ ଅଙ୍ଗନୱାଡି କର୍ମଚାରୀମାନଙ୍କ ମୌଳିକ ସୁବିଧା ଓ ଅଧିକାର ପ୍ରଦାନ ନେଇ ଜିଲାପାଳଙ୍କ ମାଧମରେ ୮ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଦାବିଗୁଡିକ ହେଲା ଅଙ୍ଗନୱାଡି କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା ଏବଂ ସାମାଜିକ ସୁରକ୍ଷା ଯଥାଶୀଘ୍ର ପ୍ରଦାନ କରାଯାଉ। ଅଙ୍ଗନୱାଡିରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ବେତନ କର୍ମୀଙ୍କୁ ୧୮୦୦୦ ଓ ସହାୟିକ ୯୦୦୦ ପ୍ରତି ମାସରେ ବେତନ ପ୍ରଦାନ କରାଯାଉ। ରାଷ୍ଟ୍ରୀୟ ଶିକ୍ଷାନୀତି–୨୦୨୦ ଅନୁଯାୟୀ ଦେଶରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ଦେବା ସହିତ ସମସ୍ତ କର୍ମୀ ଓ ପୂର୍ବ ପ୍ରାଥମିକ ଶିକ୍ଷିକା (ପ୍ରାଇମେରୀ ଟିଚର) ଓ ସହାୟିକାଙ୍କୁ ପୂର୍ବ ପ୍ରାଥମିକ ସହଶିକ୍ଷକ (ପ୍ରାଇମେରୀ ଆସିଷ୍ଟାଣ୍ଟ ଟିଚର) ଭାବେ ଘୋଷିତ କରାଯାଉ। ୨୦୧୪ଠାରୁ ଘରଭଡା ପାଇଁ ସରକାର ୩୦୦୦ ଟଙ୍କା ଘୋଷଣା କରିଥିଲେ, ଯାହା ଅଦ୍ୟାବଧି ମିଳିନାହିଁ। ୧୨ ଜାନୁୟାରୀ ୨୦୧୯ଠାରୁ ଅବସରକାଳୀନ ସହାୟତା ରାଶି ଘୋଷଣା କରାଯାଇଥିଲା। କିନ୍ତୁ ଅଦ୍ୟାବଧି ତାହା ମିଳିନାହିଁ। ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ ଦିଆଯାଉ ଏବଂ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ଦୃଷ୍ଟିରୁ ଆୟୁଷ୍ମାନ ଭାରତ ଯୋଜନା ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଭୁକ୍ତ କରାଯାଉ ବୋଲି ଜିଲା ସଭାନେତ୍ରୀ ଝୁନୁପମା ଶତପଥି, ସାଧାରଣ ସମ୍ପାଦିକା ସୁମିତ୍ରା ମହାପାତ୍ର ପ୍ରକାଶ କରିଛନ୍ତି। ଏହି ସବୁ ମୌଳିକ ସୁବିଧା ସମ୍ପର୍କୀତ ଦାବିଗୁଡିକ ପୂରଣ ପାଇଁ ଦାବି କରାଯାଉଛି।

# ବ୍ୟାଙ୍କ ଲକରରୁ ଅଳଙ୍କାର ଗାଏବ ଘଟଣା, ପୋଲିସର ତନାଘନା


ବରଗଡ଼ସ୍ଥିତ ଏସ୍‌ବିଆଇ ମୁଖ୍ୟଶାଖାରେ ପୋଲିସ ତଦନ୍ତ କରୁଛି ।

ବରଗଡ଼ ଅଫିସ୍,୧୮।୨

ବରଗଡ଼ ସହରରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାରୁ ଜଣେ ଗ୍ରାହକଙ୍କ ଲକରରୁ ୩୩ ଲକ୍ଷ ୩୭ ହଜାର ଟଙ୍କାର ସୁନା, ରୁପା ଅଳଙ୍କାର ଗାଏବ ହୋଇଥିବା ଅଭିଯୋଗ ହୋଇଛି । ବୁଧବାର ଏ ନେଇ ବରଗଡ଼ ମହାନ୍ତିପଡ଼ାର ସ୍ନିଗ୍ଧା ତ୍ରିପାଠୀ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ସବଇନ୍ସପେକ୍ଟର ସୌମ୍ୟକାନ୍ତ ବଳିୟାର ସିଂଙ୍କ ନେତୃତ୍ୱରେ ଏକ ଟିମ୍ ବ୍ୟାଙ୍କରେ ପହଞ୍ଚି ମୁଖ୍ୟ ପରିଚାଳକ ରାଜେନ୍ଦ୍ର କୁମାର ଦାଶ ଏବଂ ଡେପୁଟି ଶାଖା ପରିଚାଳକ(ଡିବିଏମ) ଦୁର୍ଯ୍ୟୋଧନ ବେହେରାଙ୍କୁ ପଚରାଉଚୁରା କରିଥିଲେ। ବ୍ୟାଙ୍କର ମୁଖ୍ୟ ପରିଚାଳକ ଦାଶ କହିଛନ୍ତି ଯେ, ପୋଲିସ ମାଗିଥିବା ତଥ୍ୟ ଦିଆଯିବ ଏବଂ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କହିଥିଲେ। ତଦନ୍ତ କରୁଥିବା ପୋଲିସ ସବଇନ୍ସପେକ୍ଟର ସିଂଙ୍କୁ ପଚାରିବାରୁ ସେ ନେଇ ଥାନାରେ ଏକ ଷ୍ଟେଶନ ଡାଏରୀ ହୋଇ ଘଟଣା ତଦନ୍ତାଧିନ ରହିଛି। ତଦନ୍ତ ପରେ ପ୍ରକୃତ କଥା ସାମ୍ନାକୁ ଆସିବ ବୋଲି ସେ କହିଥିଲେ। ବ୍ୟାଙ୍କରେ ରହିଥିବା ସେମାନଙ୍କ ଲକରକୁ ସ୍ନିଗ୍ଧା ଏବଂ ତାଙ୍କ ମା ଜ୍ୟୋସ୍ନାମୟୀ ଅପରେଟ୍ କରୁଥିଲେ। ବୁଧବାର ଉକ୍ତ ବ୍ୟାଙ୍କକୁ ଯାଇ ଖୋଲିବା ପରେ ସେଥିରେ ପୂର୍ବରୁ ରହିଥିବା ସମସ୍ତ ସମ୍ପତ୍ତି ଗାଏବ୍ ହୋଇ ଯାଇଥିବା ଦେଖି ସ୍ନିଗ୍ଧା ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ପ୍ରାୟ ସାଢ଼େ ୪ବର୍ଷ ତଳେ ଅର୍ଥାତ୍ ଗତ ୨୦୧୬ ଜୁନରେ ସେ ଲକର୍ ଖୋଲିଥିବା ସ୍ନିଗ୍ଧା କହିଛନ୍ତି।

# ବଲାଙ୍ଗୀର ପ୍ରତି ଅବହେଳାର ପ୍ରତିବାଦ, ବିକ୍ଷୋଭ

ବଲାଙ୍ଗୀର ଅଫିସ, ୧୮।୨


ଯୁବ କଂଗ୍ରେସ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମାବେଶ ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯୁବ କଂଗ୍ରେସର ୧୩ ଦଫା ଦାବିପତ୍ର**

ବଲାଙ୍ଗୀର ଜିଲା ପ୍ରତି ରାଜ୍ୟ ସରକାରଙ୍କ କ୍ରମାଗତ ଅବହେଳା ବିରୋଧରେ ଜିଲା ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଯୁବ କଂଗ୍ରେସ ସଭାପତି ପ୍ରେମ ପ୍ରକାଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଯୁବନେତା ସମରେନ୍ଦ୍ର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ଅବହେଳା ବିରୋଧରେ ବିକ୍ଷୋଦ୍‌ଗାର କରିଛନ୍ତି । ରାଜ୍ୟ ସରକାରଙ୍କ କୌଣସି ଦୀର୍ଘ ମିଆଦି ଯୋଜନା ଜିଲା ସୀମାରେ ପହଞ୍ଚିଲା ବେଳକୁ ଅଟକି ଯାଉଛି। ଶିକ୍ଷା ହେଉ କି ଗମନାଗମନ, ସ୍ୱାସ୍ଥ୍ୟ ହେଉ କି ଜଳସେଚନ ସବୁ କ୍ଷେତ୍ରରେ ଜିଲାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି ବୋଲି ମିଶ୍ର ଅଭିଯୋଗ କରିଥିଲେ । ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଜିଲା କିଶାନ ସେଲ ସଭାପତି ସାନନ୍ଦ ମିଶ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ସମାବେଶରେ ଜିଲା ଉପସଭାପତି ମନୀଷ ମିଶ୍ର, ନଗର ସଭାପତି ବୁଲୁ ଦାନି, ସେବାଦଳ ମୁଖ୍ୟ ଅସିତ ମିଶ୍ର, ଜିଲା ଉପସଭାପତି ସନ୍ତକ ବହିଦାର, ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନର ମୁଖ୍ୟ ଅଜୟ ବାଲି, ଜିଲା କଂଗ୍ରେସ ଲିଗାଲ ସେଲ ଅଧକ୍ଷ ଉମାକାନ୍ତ ସାହୁ, ରାମଜୀ ଚୌଧୁରୀ, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ, ସଦର ବ୍ଲକ ଉପାଧକ୍ଷା ଯଶୋବନ୍ତୀ ବଘାର, ସୋମନାଥ ପଟେଲ, ସୁବ୍ରତ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା, ଜଳସେଚନ ପାଇଁ ତେଲ ଓ ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ, ବଲାଙ୍ଗୀରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚର ପୁନଃସ୍ଥାପନ କରିବାକୁ ଦାବି କରାଯାଇଛି । ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରି ଗ୍ରହଣ କରିଥିଲେ।

# ୧ ଲକ୍ଷ ୮୨ ହଜାର ଟଙ୍କା ଜରିମାନା ଆଦାୟ

ଭବାନୀପାଟଣା, ୧୮।୨ (ଡି.ଏନ.ଏ.)

ଜିଏସଟି ଠକେଇ ଅଭିଯୋଗରେ ପଞ୍ଜାବରୁ ଆସୁଥିବା ଏକ ଟ୍ରକ୍ ଉପରେ ଭବାନୀପାଟଣା ଏନଫୋର୍ସମେଣ୍ଟ ରେଞ୍ଜ ପକ୍ଷରୁ ଚଢାଉ କରାଯାଇଥିଲା। ଜିଏସଟି ଫାଙ୍କିବା ନେଇ ୧ ଲକ୍ଷ ୮୨ ହଜାର ୨୫୨ ଟଙ୍କା ଜରିମାନା ଆଦାୟ କରିବା ଘଟଣା ଚାଞ୍ଚଲ୍ୟ ଖେଳାଇଛି। ପଞ୍ଜାବ ରାଜ୍ୟ ଫିରୋଜପୁର ସହରରେ ଇଣ୍ଡିଏନ ଫାଉଣ୍ଡରି ୱାର୍କସରୁ ୧୯ ଲକ୍ଷ ୧୩ ହଜାର ୬୫୨ ଟଙ୍କାର ରାଇସ ମିଲ ମେସିନାରି ସରଞ୍ଜାମ ଆସୁଥିଲା। ଟ୍ରକ (ନଂ.ପିବି ୩୦କେ–୯୦୯୯) ଯୋଗେ କଳାହାଣ୍ଡି ଜିଲା ଲଡୁଗାଁ ଏଚଆରଫୁଡ୍ସ ରାଇସ ମିଲକୁ ଆସୁଥିବା ଏଡି ସାମଗ୍ରୀର ଜିଏସଟି ବିଲ୍ ଓ ଇ–ୱେବଲ୍ ନ ଥିଲା। ବୁଧବାର ଖବର ପାଇ ଭବାନୀପାଟଣା ସହର ନିକଟସ୍ଥ ରିଷିଗାଁ ନିକଟରେ ଚଢାଉ କରାଯାଇଥିଲା। ଟ୍ରକ୍ ଓ ଡ୍ରାଇଭରଙ୍କୁ ଅଣାଯାଇ ତନଖି କରାଯାଇଥିଲା। ଭବାନୀପାଟଣା ସିଟିଓ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସନ୍ଧ୍ୟାରେ ତନଖି ଶେଷ ହେବା ପରେ ୧ ଲକ୍ଷ ୮୨ ହଜାର ୨୫୨ ଟଙ୍କା ଜରମାନା ଆଦାୟ କରାଯାଇଥିଲା। ଜରିମାନା ଆଦାୟ ପରେ ଟ୍ରକ୍‌କୁ ସନ୍ଧ୍ୟାରେ ଛାଡି ଦିଆଯାଇଛି। ଚଢାଉରେ ଭବାନୀପାଟଣା ବାଣିଜ୍ୟକର ଓ ଜିଏସଟି ଡେପୁଟି କମିଶନର ତପନ ପାଢୀ ଓ ସିଟିଓ ନୀଳାଦ୍ରି ବିହାରୀ ଦାଢିଆ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଭବାନୀପାଟଣା ସହରରେ ଗତ ନଭେମ୍ବରରେ ଏକ ଟ୍ରକ୍‌ରେ ଚଢାଉ କରି ୪ ଲକ୍ଷ ୩୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

# ମାଣିକେଶ୍ୱରୀ ମନ୍ଦିର ନିର୍ମାଣ ନେଇ ଆଲୋଚନା

ଭବାନୀପାଟଣା, ୧୮।୨ (ଡି.ଏନ.ଏ.): ଥୁଆମୂଳ ରାମପୁରର ଆଦିପୀଠ ଶକ୍ତି ପୀଠ ମା' ମାଣିକେଶ୍ୱରୀଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଗୁଗୁଲ ମିଟ୍‌ରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ମନ୍ଦିର ନିର୍ମାଣ କମିଟି ସଭାପତି ମାଣିକ୍ୟ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଡିଶା ସାହିତ୍ୟ ଏକାଡେମିର ସଭ୍ୟ ସତ୍ୟ ମହାପାତ୍ର, ସିଟିଜେନ ଫୋରମ ଜିଲା ସମ୍ପାଦକ ପ୍ରଫେସର ସୀମାଞ୍ଚଳ ମିଶ୍ର, ଲେବାନନ ବିଶ୍ୱବିଦ୍ୟାଳୟ ଆମେରିକାର ପ୍ରଫେସର ଦିଗାମ୍ବର ପାତ୍ର, ବିଶିଷ୍ଟ ଗବେଷକ ଉମାଶଙ୍କର କର, ମହୁରୀର ସମ୍ପାଦକ ଭବାନୀ ଶଙ୍କର ନିଆଲ, ପୂର୍ବତନ ଲୋକ ସଭା ସଦସ୍ୟ ସୁବାସ ନାୟକ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ରାଜ୍ୟ ବିଜେଡି ସଙ୍ଗଠନ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ରଜନୀ ମିଶ୍ର, ଏମ.ଏସ.ଏ. ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂ, ବରିଷ୍ଠ ସାହିତ୍ୟିକ ପଦ୍ମଲୋଚନ ମିଶ୍ର, ସାମାଜିକ କର୍ମୀ ରତ୍ନରାଜ ମାଝି, ସାମାଜିକ କର୍ମୀ ଅଶୋକ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସହଯୋଗ କରିବା ପାଇଁ ମନ୍ତବ୍ୟ ଦେଇଥିଲେ।

# ତୃତୀୟ ପର୍ଯ୍ୟାୟ କୋଭିଡ୍ ଟିକାକରଣ

ଖଡିଆଳ, ୧୮।୨ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ କଲ୍ୟାଣ ମଣ୍ଡପ–୨ରେ ଗୁରୁବାର ତୃତୀୟ ପର୍ଯ୍ୟାୟ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ କରାଯାଇଛି। ଏହି କେନ୍ଦ୍ରରେ ଗୁରୁବାର ଓ ଶୁକ୍ରବାର ୨ ଦିନ ଧରି ଟିକାଦାନ କରିବା ଲକ୍ଷ୍ୟ ରହିଛି। ଟିକାଦାନ କାର୍ଯ୍ୟକ୍ରମରେ ରାଜସ୍ୱ ବିଭାଗ କର୍ମଚାରୀ, ପଞ୍ଚାୟତସ୍ତରୀୟ କର୍ମଚାରୀ ଏବଂ ପୋଲିସ କର୍ମଚାରୀଙ୍କୁ ଟିକା ଦିଆଯାଇଛି। ଗୁରୁବାର ୧୮୧ଜଣ କୋଭିଡ୍ ଯୋଦ୍ଧାଙ୍କୁ ଟିକାଦାନ ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୧୧୨ଜଣ ଯୋଦ୍ଧା ଟିକା ଗ୍ରହଣ କରିଛନ୍ତି। ଟିକା ନେଇଥିବା ଯୋଦ୍ଧା ସ୍ୱତନ୍ତ୍ର କୋଠରୀରେ ବିଶ୍ରାମ ନେଉଥିବା ବେଳେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଟିକା କେନ୍ଦ୍ରକୁ ଖଡିଆଳ ଅତିରିକ୍ତ ତହସିଲଦାର ତପନ କୁମାର ନାୟକ ଭ୍ରମଣ କରି ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଛନ୍ତି।

# ଟୋକନ ଅଚଳ, ଧାନକିଣା ବନ୍ଦ

ବଲାଙ୍ଗୀର ଅଫିସ, ୧୮।୨

ପାଟଣାଗଡ ଉପଖଣ୍ଡର କେନ୍ଦୁମୁଣ୍ଡି ପ୍ୟାକ୍ସରେ ବିଭିନ୍ନ ଗ୍ରାମର ଚାଷୀଙ୍କ ଶତାଧିକ କୁଇଣ୍ଟାଲ ଧାନ ପଡିରହିଛି। ଚାଷୀମାନେ ଧାନ ବିକ୍ରୟ କରିବା ପାଇଁ ଟୋକନ୍ ପାଇଥିଲେ । ମାତ୍ର ସେହି ଟୋକନ ଅଚଳ ହୋଇଯିବା ସତ୍ତ୍ୱେ ଧାନ ବିକ୍ରୟ କରିପାରି ନ ଥିବା ଗୁରୁବାର ଜିଲାପାଳ କାର୍ଯ୍ୟାଳୟକୁ ଆସି ଚାଷୀମାନେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ ପାଇଥିବା ଟୋକନ୍ ଅନୁଯାୟୀ ଜାନୁୟାରୀ ୨୭ ତାରିଖ ଯାଏଁ ସେମାନେ ଧାନ ବିକ୍ରୟ କରିବା କଥା । ସମସ୍ତ ଚାଷୀ ସେମାନଙ୍କ ଧାନକୁ ନେଇ ନିର୍ଦ୍ଧାରିତ ସମୟରେ ମଣ୍ଡିରେ ରଖିଥିଲେ । ମାତ୍ର ପ୍ୟାକ୍ସ ସମ୍ପାଦକ ସେମାନଙ୍କୁ ଟାର୍ଗେଟ ନ ଥିବାରୁ ଧାନକିଣା ହୋଇପାରୁନାହିଁ ବୋଲି କହି ଦିନ ଗଡାଇ ଚାଲିଥିଲେ। ଧାନକିଣା ତାରିଖ ପାଖେଇ ଆସିବାରୁ ଚାଷୀମାନେ ସିଧା ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଏ ନେଇ ପଦକ୍ଷେପ ନେବାକୁ କହିଥିଲେ। ଯୋଗାଣ ଅଧିକାରୀ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ସେମାନେ ଗାଁକୁ ଫେରିଯାଇଥିଲେ । ଇତିମଧ୍ୟରେ ଟୋକନ୍ ଅଚଳ ହେବାର ପ୍ରାୟ ୨୦ ଦିନ ଅତିକ୍ରମ ହୋଇଯାଇଥିଲେ ମଧ ଧାନ ମଣ୍ଡିରେ ବିକ୍ରି ନହୋଇ ପଡିରହିଛି। ଆଗକୁ ଟାର୍ଗେଟ ଆସିଲା ପରେ ଯାଇ ଯାହା କରିହେବ ବୋଲି ଯୋଗାଣ ଅଧିକାରୀ କହୁଥିବା ଚାଷୀମାନେ ଅଭିଯୋଗ କରିଚନ୍ତି । ମାସାଧିକ କାଳ ମଣ୍ଡିରେ ଧାନ ବିକ୍ରୟ ନହୋଇ ପଡି ରହିଥିବାରୁ ଚାଷୀମାନେ ଏବେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଚାଷୀ ଶ୍ୟାମ ମେହେର, ବିଶ୍ୱଜିତ୍ ଭୋଇ, ସୋମନାଥ ଭୋଇ, ପ୍ରେମାନନ୍ଦ ଧରୁଆ, ସୁରେନ୍ଦ୍ର ମେହେର, ଠଣସୁନ୍ଦର ପୁଟା, ଲଳିତ ମୋହନ ସାହୁ, ଡୋଳାମଣି ସାହୁ ଗୁରୁବାର ଜିଲାପାଳ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି। ଏପରିକି ଚାଷୀ ଡୋଳାମଣି ସାହୁଙ୍କ ଝିଅ ବାହାଘର ଥିବାରୁ ଧାନ ବିକ୍ରୟ କରିପାରୁ ନ ଥିବାରୁ ସେ ଚିନ୍ତାରେ ପଡିଥିବା କହିଛନ୍ତି।

# ଧାନବିକ୍ରି ଆଶାରେ ମଣ୍ଡିରେ ପଡ଼ିଛନ୍ତି ଚାଷୀ

**ତାଳପଦର ମଣ୍ଡି**

**■ରବିଧାନ ରୁଆ ଆରମ୍ଭ ହେଲାଣି, ଖରିଫ ଉଠିନି**

ଜୁନାଗଡ/ଦାସିଗାଁ, ୧୮।୨ (ଡି.ଏନ.ଏ.)


ତାଳପଦର ମଣ୍ଡିରେ ଧାନ ବିକ୍ରି ଆଶାରେ ପଡିରହିଥିବା ଚାଷୀ ।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ପ୍ୟାକ୍ସ ଅନ୍ତର୍ଗତ ତାଳପଦର ମଣ୍ଡିରେ ଗତ ୨୫ ଦିନ ହେଲା ଧାନ ବିକ୍ରି ନ ହୋଇ ପଡିରହିଛି। ଫଳରେ ସ୍ଥାନୀୟ ଚାଷୀ ଶୀତ କାକରରେ ଧାନ ବିକ୍ରି ଆଶାରେ ମଣ୍ଡିରେ ପଡରହିଛନ୍ତି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧରେ ଏବେ ତ୍ରୀବ୍ର ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ତାଳପଦର ମଣ୍ଡିରେ ଗତ ଜାନୁୟାରୀ ୨୫ ତାରିଖରେ ୧୭ଜଣ ଚାଷୀ ପ୍ରାୟ ୧୬ ଶହ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟୋକନ ପାଇଥିଲେ। ଟାର୍ଗେଟ ଅଭାବରୁ ଇତିମଧ୍ୟରେ ୨୫ ଦିନ ପରେ ମଧ ଏହି ଚାଷୀମାନଙ୍କ ଧାନ ଉଠିନାହିଁ। ସେହିପରି କିଛି ଚାଷୀଙ୍କ ମିଲର୍ସ ଧାନ ଓଜନ କରି ମଧ ଉଠାଇ ନ ଥିବା ଚାଷୀଙ୍କଠୁ ଜଣାପଡିଛି। ବର୍ତ୍ତମାନ ରବି ଧାନ ରୁଆ ଆରମ୍ଭ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ଖରିଫ ଧାନ ବିକ୍ରି କରି ନ ଥିବାରୁ ସ୍ଥାନୀୟ ଚାଷୀଙ୍କ ପାଇଁ ଏବେ ମୁଣ୍ଡ ବ୍ୟାଥାର କାରଣ ପାଲଟିଛି। କାରଣ ଖରିଫ ଧାନ ବିକ୍ରି କଲେ ଯାହା ଟଙ୍କା ମିଳିବ ସେଥିରେ ସେମାନେ ରବି ଚାଷ କରିବେ ବୋଲି ଆଶା ରଖିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଖରିଫ ଧାନ ବିକ୍ରି ହୋଇ ନ ଥିବାରୁ ରବିଧାନ କେବେ କରିବେ ତାହାକୁ ନେଇ ଚାଷୀଙ୍କ ମଧରେ ଭାଲେଣି ପଡିଯାଇଛି। ଏ ନେଇ ଦାସିଗାଁ ପ୍ୟାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀଙ୍କୁ ବିଷ୍ଣୁ ସାହୁଙ୍କୁ ପଚାରିବାରୁ ଟାର୍ଗେଟ ନ ଥିବାରୁ ଉକ୍ତ ଚାଷୀଙ୍କ ଧାନ ଉଠୁ ନ ଥିଲା। ଗୁରୁବାର ଟାର୍ଗେଟ ଆସିଛି। ଧାନ ଉଠିବ ବୋଲି କହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୯ ଫେବୃୟାରୀ, ୨୦୨୧



## ସ୍କୁଲ ଫାଟକରେ ତାଲା ପକାଇଲେ ଅଭିଭାବକ

ଭଟଲି,(ଡି.ଏନ.ଏ): ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହାର କମ୍ ଦର୍ଶାଇ ରାଜ୍ୟ ସରକାର କେତେକ ପ୍ରାଥମିକ ସ୍କୁଲକୁ ବନ୍ଦ କରି ସମ୍ପୃକ୍ତ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଅନ୍ୟ ନିକଟ ସ୍କୁଲକୁ ସ୍ଥାନାନ୍ତର ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ଗୁରୁବାର ବରଗଡ ଜିଲା ଭଟଲି ବ୍ଲକ କଲୋନୀ ପ୍ରାଥମିକ ସ୍କୁଲରୁ ବିଭିନ୍ନ ଜିନିଷପତ୍ର ଅନ୍ୟ ଏକ ସ୍କୁଲକୁ ସ୍ଥାନାନ୍ତର କରୁଥିବା ଜାଣିବା ପରେ ଅଭିଭାବକମାନେ ଏହାର ବିରୋଧ କରିଛନ୍ତି । ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଏହାର ପ୍ରତିବାଦ କରିଥିଲେ । ମମତା ବାଗ, ସୁଜାତା ଭୋଇ, ଧନମତୀ ବେହେରା, ସରୋଜିନୀ ସିଂ, ସରୋଜିନୀ ମେହେର, ହେମବତୀ ଜେନା, କଳ୍ପନା ମେହେର, ସୁକାନ୍ତୀ ରଣା ପ୍ରମୁଖ ଅଭିଭାବିକାମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

**ସଂକ୍ଷେପରେ**

### ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବଲାଙ୍ଗୀର ଅଫିସ, ୧୮।୨:** ବଲାଙ୍ଗୀର ସହର ମାଲପଡାଠାରେ ଗୁରୁବାର ସନ୍ଧ୍ୟାରେ ଘର ଭିତରୁ ଜଣେ ବିବାହିତ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଟାଉନ୍ ଥାନା ପୋଲିସ ଉଦ୍ଧାର କରିଛି । ମୃତକଙ୍କ ନାମ କମଳ ଅଗ୍ରୱାଲ (୪୦) । ବେକରେ ଫାଶୀ ଲଗାଇ ଯୁବକ ଜଣକ ଆତ୍ମହତ୍ୟା କରିଥିବା କୁହାଯାଉଛି । ଡେଲିମାର୍କେଟ ରାମଚରିତ ମାନସ ମନ୍ଦିର ସମ୍ମୁଖରେ କମଳ ନଡିଆ ଦୋକାନ କରିଥିଲେ । ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ । ଗୁରୁବାର ସକାଳୁ ଘରେ ପରିବାର ସଦସ୍ୟ କେହି ନ ଥିଲେ । ତାଙ୍କ ସ୍ତ୍ରୀ ସନ୍ଧ୍ୟାରେ ଘରକୁ ଫେରିବା ପରେ ଭିତର ପଟୁ ବନ୍ଦ ଥିଲା । ଟାଉନ୍ ଥାନାକୁ ଏନେଇ ଖବର ଦିଆଯିବା ପରେ ପୋଲିସ ଉପସ୍ଥିତିରେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ମୃତଦେହକୁ ଶବାଗାରରେ ରଖାଯାଇଛି।

### କପାଚାଷୀଙ୍କ ତାଲିମ ଶିବିର

**ଦେଓଗାଁ,୧୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ କୃଷି ପରାମର୍ଶ କେନ୍ଦ୍ର ପରିସରରେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଆନୁକୂଲ୍ୟରେ କପାଚାଷୀଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି । ବ୍ଲକ କୃଷି ଅଧିକାରୀ ବିପିନ ବିହାରୀ ଉଦ୍‌ଗାତାଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର ମହାନ୍ତି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ସହକାରୀ କୃଷି ଅଧିକାରୀ ସୁଦାକର ନନ୍ଦ, ପୂର୍ବତନ ଉପକୃଷି ନିର୍ଦ୍ଦେଶକ ବୈକୁଣ୍ଠ ନାଥ ବେଉରା କପାର ଶ୍ରେଣୀକରଣ ଓ ବିକ୍ରୀବଟା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଥମ ଦିବସରେ ରାମଚନ୍ଦ୍ରପୁର, ଦେଷଣ୍ଡ, ସିଂହାମୁଣ୍ଡା, ବନ୍ଧପଡା ପଞ୍ଚାୟତ ଅଞ୍ଚଳରୁ ୨୭ଜଣ କପାଚାଷୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ନାଏକ, କୃଷି ଅଧିଦର୍ଶକ ଅମୂଲ୍ୟ କୁମାର ବେହେରା ଏବଂ କର୍ମଚାରୀ ତଥା କୃଷକ ସାଥି ମାନେ ସହଯୋଗ କରୁଛନ୍ତି ।

### ଶବଦାହ ପାଇଁ ମିଳୁନି କାଠ, ଏଏପିର ଦାବିପତ୍ର

**ବରଗଡ଼ ଅଫିସ୍,୧୮।୨:** ବରଗଡ଼ ସହରରେ ଶବଦାହ ପାଇଁ ଏବେ କାଠ ସଂକଟ ପରିଲକ୍ଷିତ ହୋଇଛି । କାଠ ମିଳୁ ନଥିବା ଯୋଗୁ ଲୋକଙ୍କୁ ହଟହଟା ହେବାକୁ ପଡୁଛି। ଫଳରେ ବରଗଡ଼ ଶବଦାହ ପାଇଁ ଏକ ସ୍ଥାୟୀ ଶବଦାହ ଚୁଲ୍ଲୀ ବସାଇବାକୁ ଆମ ଆଦମୀ ପାର୍ଟି(ଏଏପି) ଦାବି କରିଛି। ଗୁରୁବାର ଆପ୍ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଶବଦାହ ପାଇଁ ରିହାତି ମୂଲ୍ୟ କାଠ ଯୋଗାଇବା, ଜୀରାନଦୀ ସ୍ୱର୍ଗଦ୍ୱାରକୁ ସଂଯୋଗ କରୁଥିବା ବ୍ରିଜ ନିର୍ମାଣ, ଗୋବିନ୍ଦପାଲି ଶ୍ମଶାନ ଘାଟର ପୁନରୁଦ୍ଧାର ପାଇଁ ମଧ୍ୟ ସ୍ମାରକପତ୍ରରେ ଦାବି ହୋଇଛି। ଆପ୍‌ର ବରଗଡ଼ ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ଅମିତାଭ ପାତ୍ର, ଅସିତ ସାହୁ, ସ୍ୱାମୀ ଧ୍ୟାନ ଦୀପକ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

### କଲ୍ୟାଣ ମଣ୍ଡପର ଶିଳାନ୍ୟାସ

**ଦେଓଗାଁ,୧୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହାରେ ଏକ କଲ୍ୟାଣ ମଣ୍ଡପ ପାଇଁ ଶିଳାନ୍ୟାସ କରାଯାଇଛି । ସ୍ଥାନୀୟ ସରପଞ୍ଚ କୁଶମଣି ମେହେରଙ୍କ ସଭାପତିତ୍ୱ ତଥା ଇଓ ଉପେନ୍ଦ୍ର ରଣାଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ସମିତି ସଭ୍ୟା ମମତା ପୁଟେଲ ଅତିଥିଭାବେ ଯୋଗ ଦେଇଥିଲେ। ଚର୍ତୁଦଶ ଅର୍ଥ କମିଶନ ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୨୫ ଲକ୍ଷ ଅନୁଦାନ ରାଶିରେ ଏକ ଉନ୍ନତମାନର କଲ୍ୟାଣ ମଣ୍ଡପ ନିର୍ମାଣ ହେବ ବୋଲି ଅଧକ୍ଷା ମେହେର ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ବିନୋଦିନି ମେହେର, ଭାଗ୍ୟବତୀ ନନ୍ଦ, ନେହେରୁ ଦୀପ, ଚଞ୍ଚଳା ଦଣ୍ଡସେନା, ମୋତିଲାଲ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜଙ୍ଗଲ ଅଧିକାର ଆଇନ ବାଟବଣା

**ବରଗଡ଼ ଅଫିସ୍,୧୮।୨**



ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରିତା ଦାବିରେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ।

- ଜମି ପ୍ରଦାନ ବଦଳରେ ଚାଲିଛି ଉଚ୍ଛେଦ
- ପଟ୍ଟା ମିଳିଲେ ବି ମିଳୁନି ଜମି ଦଖଲ
- ଜିଲାପାଳ ଅଫିସ ଆଗରେ ଜମିନ ଜଙ୍ଗଲ ଅଧିକାର ସଂଗଠନର ଧାରଣା

ଜଙ୍ଗଲ ଅଧିକାର ଆଇନ ଘୋଷଣା ହେବାକୁ ୧୪ବର୍ଷ ବିତିଯାଇଛି। ହେଲେ ପ୍ରଶାସନିକ ଉଦାସୀନତା ଯୋଗୁ ଲୋକେ ଏହାର ସୁଫଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଜନଜାତି ତଥା ଅନ୍ୟାନ୍ୟ ପାରମ୍ପରିକ ଅଧିବାସୀଙ୍କ ଅଧିକାର ପ୍ରଦାନ ପାଇଁ ଥିବା ଆଇନଗତ ବ୍ୟବସ୍ଥାକୁ ଉଲ୍ଲଂଘନ ପୂର୍ବକ ଦାବିଦାରମାନଙ୍କୁ ଜଙ୍ଗଲ ଜମି ଭୋଗ ଦଖଲରୁ ଉଚ୍ଛେଦ କରାଯାଉଛି। ଏହାଦ୍ୱାରା ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଅଧିବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି। ଏଭଳି ଅଭିଯୋଗ ନେଇ ଗୁରୁବାର ବରଗଡ଼ ଜିଲା ଜମି ଜଙ୍ଗଲ ଅଧିକାର ସଂଗଠନ ନେତୃତ୍ୱରେ ଶତାଧିକ ମହିଳା, ପୁରୁଷ ଜିଲାପାଳ ଅଫିସ ଆଗରେ ଧାରଣା ଦେଇଥିଲେ। ପରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କ ସହିତ ଆଲୋଚନା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ।

ଧାରଣା ଦେବା ଅବସରରେ ସଂଗଠନ ପକ୍ଷରୁ କୁହାଯାଇଥିଲା ଯେ, ସମସ୍ତ ଭୂମିହୀନ ପରିବାରକୁ ସର୍ବନିମ୍ନ ବାସଜମି ଓ ଚାଷଜମି ଯୋଗାଇ ଦେବା ପାଇଁ ସରକାର ଯୋଜନା ଜାରି ରଖିଛନ୍ତି। ଏହାସତ୍ତ୍ୱେ ଭୂମିହୀନ ପରିବାରଙ୍କୁ ଚାଷଜମି କିମ୍ବା ବାସ ଜମି ଦିଆଯାଉନାହିଁ। ଗରୀବ ଲୋକେ ଚାଷବାସ କରି ଜୀବିକା ନିର୍ବାହ କରୁଥିବା ଆବାଦଯୋଗ୍ୟ ଅନାବାଦୀ, ପତିତ ତଥା ଅନ୍ୟ ସରକାରୀ ଜମି ଭୋଗ ଦଖଲକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଏଥିଯୋଗୁ ଭୂମିହୀନମାନେ ଦୁର୍ବିସହ ଜୀବନ ଯାପନ କରୁଛନ୍ତି। ଏ ନେଇ ଜମିନ ଜଙ୍ଗଲ ଅଧିକାର ସଂଗଠନ ବାରମ୍ବାର ଜିଲା ପ୍ରଶାସନକୁ ଫେରାଦ ହେବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ସେମାନେ ଧାରଣାକୁ ଓହ୍ଲାଇଥିବା କହିଛନ୍ତି। ସେମାନେ ଆହୁରି କହିଛନ୍ତି ଯେ, ଜଙ୍ଗଲ ଅଧିକାର ଆଇନ ନିୟମାବଳୀକୁ ଠିକ୍‌ଭାବେ କାର୍ଯ୍ୟକାରୀ କରି ଦାବିଦାରମାନଙ୍କୁ ଗୋଷ୍ଠୀଗତ, ବ୍ୟକ୍ତିଗତ ଅଧିକାର ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ କରଯାଉ। ଏଥିସହ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି, ଜଙ୍ଗଲ ଅଧିକାର କମିଟି ତଥା ଗ୍ରାମସଭାକୁ ଆର୍ଥିକ ସହାୟତା ପ୍ରଦାନ, ଜଙ୍ଗଲ ଗ୍ରାମ ତଥା ଅଣରାଜସ୍ୱ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା କରାଯାଉ। ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଜମି ଭୋଗ ଦାଖଲକାରୀ ଦାବିଦାରଙ୍କ ଦାବିଗୁଡ଼ିକୁ ଉପଖଣ୍ଡ, ଜିଲାସ୍ତରୀୟ କମିଟିରେ ନାକଚ କରାଯାଇଥିବା ଯୋଗୁ ଜଙ୍ଗଲ ଅଧିକାର ଆଇନର ପ୍ରାବଧାନ ଅନୁସାରେ ଜଙ୍ଗଲ ଅଧିକାର କମିଟି ତଥା ଗ୍ରାମସଭା ଦ୍ୱାରା ଏହାର ପୁନଃବିଚାର କରାଯାଉ। ଜିଲାର ସମସ୍ତ ଭୂମିହୀନ ପରିବାରକୁ ଚିହ୍ନଟ କରଯାଇ ସରକାରଙ୍କ ଘୋଷଣା ଅନୁସାରେ ପ୍ରତି ପରିବାରକୁ ସର୍ବନିମ୍ନ ଚାଷଜମି, ଘରଡ଼ିହ, କେତେକ ପରିବାରକୁ କେବଳ ପଟ୍ଟା ଦିଆଯାଇ ଥିବାବେଳେ ଜମି ଦଖଲ ମିଳିନାହିଁ। ଏଣୁ ଏଥିପ୍ରତି ତ୍ୱରିତ୍ ପଦକ୍ଷେପ ନେବାକୁ ଦାବି କରିଥିଲେ। ଜମିନ ଜଙ୍ଗଲ ଅଧିକାର ସଂଗଠନ ସଭାପତି ଜଗମୋହନ ସିଦାର, ସମ୍ପାଦକ ଅର୍ଜୁନ ସାହୁଙ୍କ ନେତୃତ୍ୱରେ ଶତାଧିକ ଲୋକେ ଧାରଣାରେ ସାମିଲ ଥିଲେ ।

## ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ଅବହେଳା

### କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ଜିଲାପାଳ

**ଦେଓଗାଁ,୧୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାରସମାଲ, ବଡବନ୍ଧ ଓ ମକୁନ୍ଦପୁର ପଞ୍ଚାୟତକୁ ଜିଲାପାଳ ଚଞ୍ଚଳ ରାଣା ବୁଧବାର ଗସ୍ତ କରିଥିଲେ। ସରକାରୀ କର୍ମଚାରୀମାନେ ନିଜ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ନଜରକୁ ଆସିଲେ ବରଦାସ୍ତ କରାଯିବ ନାହିଁ ବୋଲି ଏହି ଅବସରରେ ସେ କହିଥିଲେ। ସାରସମାଲ ପଞ୍ଚାୟତରେ ଏମ୍‌ଏଜିଏନ୍‌ଆରଇଜିଏସରେ କନକପୁର-ଚୋରମରା କଲଭର୍ଟ, ସାରସମାଲ ସାପ୍ତାହିକ ବଜାର ପର୍ଯ୍ୟନ୍ତ ରାସ୍ତା କାମର ତଦାରଖ କରିବା ସମୟରେ ସମ୍ପୃକ୍ତ ଗ୍ରାମରୋଜଗାର ସେବକ(ଜିଆରଏସ) ପ୍ରଶାନ୍ତ କୁମାର ପୋଢଙ୍କୁ ଫାଇଲ ଦେଖାଇବାକୁ କହିଥିଲେ। କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଫାଇଲରେ ଏଷ୍ଟିମେଟ କପି ନ ଥିଲା । ଏଥିସହ ସୂଚନା ଫଳକ ନ ଥିବାରୁ ଜିଲାପାଳ ବିରକ୍ତି ପ୍ରକାଶ କରି ସମ୍ପୃକ୍ତ ଜିଆରଏସଙ୍କୁ କାର୍ଯ୍ୟରୁ ବହିଷ୍କୃତ କରିବା ପାଇଁ ପିଡିଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ତେବେ ଗୁରୁବାର ସୁଦ୍ଧା ବ୍ଲକ ପ୍ରଶାସନ ପକ୍ଷରୁ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ବିଡିଓ ରୁଦ୍ର ପ୍ରସାଦ ସୁନା ସୂଚନା ଦେଇଛନ୍ତି । ଗସ୍ତ ସମୟରେ ବିଡିଓ ରୁଦ୍ରପ୍ରସାଦ ସୁନା, ବ୍ଲକ ସହକାରୀ ଯନ୍ତ୍ରୀ ମୋହନ ମହାଲିକ, ବିପିଏମ ପ୍ରଦୀପ କୁମାର ଛତ୍ରିଆ, ଏପିଓ ପ୍ରଶାନ୍ତ କୁମାର ସାହୁ, ଦୟାଳୁ ସାହୁ, ଯନ୍ତ୍ରୀ ଜ୍ୟୋତି ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କନ୍ୟା ସନ୍ତାନ ଜନ୍ମ ହାରରେ ବୌଦ୍ଧ ଜିଲା ରାଜ୍ୟରେ ପଞ୍ଚମ ସ୍ଥାନରେ



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

**ବୌଦ୍ଧ,୧୮।୨(ସ୍ୱ.ପ୍ର.)**

ବୌଦ୍ଧ ଜିଲା କନ୍ୟା ସନ୍ତାନ ଜନ୍ମ ହାରରେ ରାଜ୍ୟରେ ପଞ୍ଚମ ସ୍ଥାନରେ ରହିଛି । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଏହି ସୂଚନା ଦେଇଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ପିସିପିଏନ୍‌ଡିଟି ଆଇନ ଉପରେ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଅଧକ୍ଷତା କରିଥିଲେ। ବୈଠକରେ ଜିଲାରେ ଚାଲୁଥିବା ଅଲଟ୍ରା ସାଉଣ୍ଡ କ୍ଲିନିକଗୁଡିକର କାର୍ଯ୍ୟକାରିତା, ନିୟମିତ ବ୍ୟବଧାନରେ କ୍ଲିନିକ ଯାଞ୍ଚ, ପଞ୍ଜୀକୃତ କ୍ଲିନିକର ନବୀକରଣ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରା ସାଉଣ୍ଡ ମେଶିନ ସ୍ଥାପନ, କନ୍ୟାଭ୍ରୂଣ ହତ୍ୟା ନିରୋଧ ଆଇନ ଉପରେ ଆଲୋଚନା ହୋଇଥିଲା । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା. ପ୍ରଧାନ ସୂଚନା ଦେଇଥିଲେ ଯେ, ୨୦୧୧ ଜନଗଣନା ଅନୁଯାୟୀ ଜିଲାରେ କନ୍ୟାସନ୍ତାନ ଜନ୍ମ ହାର ଓ ଲିଙ୍ଗ ଅନୁପାତ ଯଥାକ୍ରମେ ୯୭୮ ଓ ୯୯୧ ରହିଛି । ଓଡିଶାରେ କନ୍ୟା ସନ୍ତାନ ଜନ୍ମ ହାର ଆକଳନ ଅନୁଯାୟୀ ବୌଦ୍ଧ ଜିଲା ପଞ୍ଚମ ସ୍ଥାନରେ ରହିଛି। ଏହି ହାରକୁ ବଜାୟ ରଖିବା ନିମନ୍ତେ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଜନସାଧାରଣ ପ୍ରତିଶ୍ରୁତିବଦ୍ଧ ହେବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଏନ୍.ସି. ଜ୍ୟୋତିରଞ୍ଜନ ନାୟକ, ଜିଲା ପରିବାର କଲ୍ୟାଣ ଅଧିକାରୀ, ଡା. ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ୍, ଏଡିଏମଓ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, ଡା. ଉମେଶଚନ୍ଦ୍ର ପାଣିଗ୍ରାହୀ, ଡା. ବିଜୟ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବିରଞ୍ଚି ଧରୁଆ, ଯୋଗେଶ ପ୍ରସାଦ ନାୟକ, ପୁଷ୍ପାଞ୍ଜଳି ପ୍ରଧାନ, ଜୟନ୍ତୀ ରଥ, ଏଡିପିଏଚ୍ ସିଓ ରବୀନ୍ଦ୍ର କୁମାର ପ୍ରଧାନ, ଡିପିଏମ୍ ରୂପକ କୁମାର ମହାପାତ୍ର, ଜିଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଧାନ ଉଠାଣ ଦାବିରେ ତାତିଲେ ଚାଷୀ



ପଦ୍ମପୁର ଉପଜିଲାପାଳ ଅଫିସ ସମ୍ମୁଖ ଧାରଣାସ୍ଥଳୀରେ ଚାଷୀମାନେ ଚିଫ ସିଏସ୍‌ଓ, ଡିଆରସିଏସଙ୍କୁ ଅଟକ ରଖିଛନ୍ତି ।

**ପଦ୍ମପୁର,୧୮।୨(ଡି.ଏନ.ଏ.)**

### ଚିଫ୍ ସିଏସଓ, ଡିଆରସିଏସଙ୍କୁ ଅଟକ ରଖିଲେ

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୩ମାସ ବିତିଯାଇଛି। ଧାନବିକ୍ରି ସରି ନଥିବାବେଳେ ଜିଲାର ଅନେକ ମଣ୍ଡିକୁ ବନ୍ଦ କରି ଦିଆଯାଇଛି। ସେହିପରି ଖୋଲାଥିବା ଅନ୍ୟ ସମସ୍ତ ମଣ୍ଡିକୁ ବନ୍ଦ କରିବା ପାଇଁ ମଧ୍ୟ ଯୋଗାଣ ବିଭାଗ ନିଷ୍ପତ୍ତି ନେଇ ବିଭାଗୀୟ ଅଧିକାରୀଙ୍କୁ ଚିଠି କରିଛି। ତେବେ ଧାନ ଉଠାଣ ଦାବିରେ ଦୀର୍ଘ ୮ଦିନ ହେଲା ଚାଷୀମାନେ ପଦ୍ମପୁର ଉପଜିଲାପାଳ ଅଫିସ ଆଗରେ ଧାନ ରଖି ଦିନରାତି ଧାରଣାରେ ବସିଥିବାବେଳେ ପ୍ରଶାସନ ଚାଷୀଙ୍କ ଧାନ ଉଠାଇବା ବଦଳରେ ଖୋଲାଥିବା ମଣ୍ଡିକୁ ବନ୍ଦ କରିବା ଯୋଜନା ଯୋଗୁ ଚାଷୀଙ୍କ ଆନ୍ଦୋଳନ ତାତି ଆହୁରି ବଢ଼ି ଯାଇଛି । ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ(ଚିଫ୍ ସିଏସଓ) ରଜନୀକାନ୍ତ ଦାଶ ଏବଂ ସମବାୟ ଉପନିବନ୍ଧକ (ଡିଆରସିଏସ) ଭକ୍ତବନ୍ଧୁ ସାହୁ ଚାଷୀଙ୍କ ଧାରଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ବିକ୍ରି ହୋଇପାରି ନ ଥିବା ଧାନ ଉଠାଣ ନେଇ କିଛି ଠୋସ୍ ପ୍ରତିଶୃତି ସେ ଦେଇ ପାରି ନଥିଲେ। ଫଳରେ ଚାଷୀମାନେ ଚିଫ୍ ସିଏସଓ ଦାଶ ଏବଂ ଡିଆରସିଏ ସାହୁଙ୍କୁ ଘେରିଯାଇ ଧାରଣାସ୍ଥଳରେ ଅଟକ ରଖିଛନ୍ତି। ଖବର ଲେଖାହେବା ସୁଦ୍ଧା(ରାତ୍ରି ସାଢ଼େ ୭ଟା ପର୍ଯ୍ୟନ୍ତ) ଉଭୟ ଅଧିକାରୀ ସେଠାରେ ଅଟକ ରହିଛନ୍ତି। ପଦ୍ମପୁର ଆରଏମସିର ମଣ୍ଡି ତଥା ଉପଜିଲାପାଳ ଅଫିସ ଆଗରେ ଗଦା ହୋଇଥିବା ଧାନକୁ ଉଠା ନଯିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ କିମ୍ବା ଚିଫ୍ ସିଏସଓ ଏବଂ ଡିଆରସିଏସଙ୍କୁ ଧାରଣାସ୍ଥଳରୁ ଛାଡ଼ିବେ ନାହିଁ ବୋଲି ଧାରଣାରତ ଚାଷୀମାନେ ଅଟଳ ରହିଛନ୍ତି। ଆନ୍ଦୋଳନସ୍ଥଳରେ ପୋଲିସ ମୁତୟନ ରହିଛି। ପ୍ରକାଶଥାଉକି, ପଦ୍ମପୁର ଆରଏମସି ଅଧିନ ବିଭିନ୍ନ ମଣ୍ଡିରେ ଏପର୍ଯ୍ୟନ୍ତ ଚାଷୀଙ୍କ ପ୍ରାୟ ୨ଲକ୍ଷ ୭୦ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡ଼ିଛି । ବାରମ୍ବାର ଦାବି ସତ୍ତ୍ୱେ ଧାନକୁ କ୍ରୟ କରାଯାଉନାହିଁ । ଏହାର ପ୍ରତିବାଦରେ ରାଜବୋଡ଼ାସମ୍ବର କୃଷକ ସଂଗଠନ ନେତୃତ୍ୱରେ ଚାଷୀମାନେ ଗତ ୧୧ତାରିଖରୁ ପଦ୍ମପୁର ଉପଜିଲାପାଳ ଅଫିସରେ ଆନ୍ଦୋଳନ ଜାରି ରଖିଛନ୍ତି ।

## କରୋନା ପାଣ୍ଠି ବିନିଯୋଗରେ ଅନିୟମିତତା

**କଣ୍ଟାବାଞ୍ଜି,୧୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଖଗସା ପଞ୍ଚାୟତରେ କରୋନା ପାଣ୍ଠି ବିନିଯୋଗରେ ଅନିୟମିତତା ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ ହେଲେ ଦୁର୍ନୀତିର ଗୁମର ଫିଟିବ। ବୁଧବାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି ବିଜେଡି ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ। କରୋନା ସମୟରେ ପ୍ରବାସୀ ଓଡିଆଙ୍କ ପାଇଁ ଖଗସା ପଞ୍ଚାୟତରେ କ୍ୱାରେଣ୍ଟାଇନ ହୋମ କରାଯାଇଥିଲା। ଏଥିରେ ଅନ୍ତେବାସୀମାନଙ୍କୁ ସରକାରଙ୍କ ତରଫରୁ ସୁବିଧା ସୁଯୋଗ ଯୋଗାଇବା ପାଇଁ ପଞ୍ଚାୟତକୁ ଅର୍ଥ ଆବଣ୍ଟିତ କରାଯାଇଥିଲା । ତେବେ ଏହି ଟଙ୍କାର ସଦ୍‌ବିନିଯୋଗ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସାବୁନ, ଟୁଥପେଷ୍ଟ, ଡେଟଲ, ସାନିଟାଇଜର ତଥା ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଲକ୍ଷାଧିକ ଟଙ୍କା ବିଲ୍ କରାଯାଇଛି । ହେଲେ ଉକ୍ତ ଟଙ୍କାରେ କୌଣସି ଜିନିଷ ପତ୍ର ନ କିଣି ଭାଉଚର କରାଯାଇଥିବା ଦର୍ଶାଯାଇଛି । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି କୃଷକ ମୋର୍ଚ୍ଚା ସଭାପତି ଦାସ । ଏ ନେଇ ସରପଞ୍ଚ ସୁଦର୍ଶନ କଟାଙ୍କୁ ଯୋଗଯୋଗ କରିବାରୁ ଅଭିଯୋଗ ଭିତ୍ତିହୀନ, ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି କୁହାଯାଉଛି ବୋଲି କହିଛନ୍ତି।

## କ୍ରିକେଟ: ପାତରପାଲି ଚାମ୍ପିୟନ

**ବରଗଡ଼ ଅଫିସ୍,୧୮।୨**

ଭେଡ଼େନ ବ୍ଲକ ବୁର୍ଦା ହାଇସ୍କୁଲ ପଡ଼ିଆରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଚିଚିଣ୍ଡାକୁ ହରାଇ ପାତରପାଲି ଚାମ୍ପିୟନ ହୋଇଛି। ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂସ୍ଥା ତରଫରୁ ଆୟୋଜିତ ଏହି ପ୍ରତିଯୋଗିତାର ପୁରସ୍କାର ବିତରଣ ସମାରୋହରେ ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡୋଲାମଣି କ୍ଷେତି, ବ୍ଲକ ଆମ୍ବା କମିଟି ସଭାପତି ସୁରେନ୍ଦ୍ର କର୍ମୀ, ଲୁପୁରସିଂହା ସମିତିସଭ୍ୟ ପ୍ରତାପ ହୋତା, ବନମାଳୀ ଛୁରିଆ, ଅରବିନ୍ଦ ହୋତା ଅତିଥିଭାବେ ଯୋଗ ଦେଇଥିଲେ।

## ଭଲିବଲ ଚାମ୍ପିୟନଶିପ୍ ପାଇଁ ମନୋନୀତ ରଶ୍ମିତା ସମ୍ମାନିତ

**ବଲାଙ୍ଗୀର ଅଫିସ, ୧୮।୨**

ଆଗାମୀ ୨୪ରୁ ୨୮ ଫେବୃୟାରୀ ପର୍ଯ୍ୟନ୍ତ ଭେଲୋରସ୍ଥିତ ନେତାଜୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ୪୩ତମ ସବ୍‌ଜୁନିୟର ଜାତୀୟ ଭଲିବଲ ଚାମ୍ପିୟନଶିପ୍‌ରେ ବଲାଙ୍ଗୀରର ରଶ୍ମିତା ଦୀପ ଅଂଶଗ୍ରହଣ କରିବେ। ଏଥିରେ ଅଂଶଗ୍ରହଣ କରିବା ସକାଶେ ଚଳିତ ମାସ ୧ତାରିଖରେ କିଟ୍ ୟୁନିଭରସିଟି ଭୁବନେଶ୍ୱରଠାରେ ଆୟୋଜିତ ଖେଳାଳି ମନୋନୟନ ପ୍ରକ୍ରିୟାରେ ବଲାଙ୍ଗୀର ଜିଲା ପକ୍ଷରୁ ଭାଗ ନେଇ ରଶ୍ମିତା ଜାତୀୟ ଚାମ୍ପିୟାନଶିପ ପାଇଁ ମନୋନୀତ ହୋଇଥିଲେ । ବଲାଙ୍ଗୀରର ୮ଟି ଦଳକୁ ନେଇ ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଆନ୍ତଃଜିଲା ଭଲିବଲ ପ୍ରତିଯୋଗିତା ପାଇଁ ଗୁରୁବାର ଖେଳାଳି ମନୋନୟନ ପ୍ରକ୍ରିୟାର ଆୟୋଜନ ଅବସରରେ କ୍ରୀଡା ସଂସଦ ପକ୍ଷରୁ ରଶ୍ମିତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ଭଲିବଲ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ବରିଷ୍ଠ ସଭ୍ୟ ତଥା ପୂର୍ବତନ ସମ୍ପାଦକ ଶତ୍ରୁଘ୍ନ ସିଂ, ଜିଲା କ୍ରୀଡାଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ତଥା ଭଲିବଲ କୋଚ ପଦ୍ମଚରଣ ଦାସ, କୋଚ ପ୍ରଶାନ୍ତ ପଟ୍ଟନାୟକ, ଶୁଭ୍ରାଂଶୁ ଶେଖର ଅମାତ ଉପସ୍ଥିତ ଥିଲେ ।



କ୍ରୀଡାବିତ୍ ରଶ୍ମିତା ଦୀପଙ୍କୁ ଜିଲା କ୍ରୀଡା ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

# ଦାବିପୂରଣ ନ ହେଲେ ଗୋଛାକଟା ବନ୍ଦ

**ବଲାଙ୍ଗୀର ଅଫିସ, ୧୮।୨**




ବଲାଙ୍ଗୀର ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ କେନ୍ଦୁପତ୍ର କର୍ମଚାରୀଙ୍କ ବିକ୍ଷୋଭ ସମାବେଶ ।

- ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ସମାବେଶ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୦ ଦଫା ଦାବିପତ୍ର ପ୍ରଦାନ
- ଦାବିପୂରଣ ନହେଲେ ଆନ୍ଦୋଳନ
- ବଲାଙ୍ଗୀର ମୁଖ୍ୟ ବନ ସଂରକ୍ଷକଙ୍କ ଅଫିସ ସମ୍ମୁଖରେ ସଭା

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବଲାଙ୍ଗୀର ସର୍କଲ ବିଭିନ୍ନ ଦାବି ନେଇ ଗୁରୁବାର ସ୍ଥାନୀୟ କେନ୍ଦୁପତ୍ର ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ କରିଥିଲା । ସଂଘ ରାଜ୍ୟ ଉପସଭାପତି କିଶୋର କୁମାର ପରିଛାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ବଲାଙ୍ଗୀର କେନ୍ଦୁପତ୍ର ସର୍କଲର ୮ଟି କେନ୍ଦୁପତ୍ର ଡିଭିଜନ୍ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ଶତାଧିକ କେନ୍ଦୁପତ୍ର କର୍ମଚାରୀ, ଚେକର, ହେଡଚେକର, ମୁନ୍‌ସୀ, ଚପରାଶି ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସମାବେଶରେ ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ସଚିଦା ମହାକୁର, ଚିରାଗ ସିଂଦେଓ, ପ୍ରଫୁଲ୍ଲ ଦେବତା, ଅସୀମ ପଟ୍ଟନାୟକ, ବିରଞ୍ଚି ସାହୁ, ଛବିଳ ସିଂ ଚିନ୍ଦା, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ବାଞ୍ଛା ପଧାନ, ସୁରେଶ ପଣ୍ଡା, କୋକିଳ ସାହୁ, ମକାରୁ ପଣ୍ଡା, ଯଦୁମଣି ପାଣିଗ୍ରାହୀ ଓ ଅନ୍ୟ ଡିଭିଜନ୍‌ର ଶତାଧିକ ନେତା ଓ କର୍ମଚାରୀ ଯୋଗଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୦ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟ ବନ ସଂରକ୍ଷକ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ଯଥାଶୀଘ୍ର ପୂରଣ ନ ହେଲେ ଆଗାମୀ ସିଜନ୍ ଆରମ୍ଭରୁ ଗୋଛାକଟା ବନ୍ଦ କରିଦିଆଯିବ ବୋଲି ସଂଘ ସଭାପତି ପରିଛା ଚେତାବନୀ ଦେଇଛନ୍ତି ।

ସମାବେଶରେ ଉଦ୍‌ବୋଧନ ଦେଇ ପୂର୍ବତନ ବିଧାୟକ ପୁରୋହିତ କହିଥିଲେ ଯେ, ଯେଉଁ କେନ୍ଦୁପତ୍ର କର୍ମଚାରୀମାନେ ରାଜ୍ୟ ରାଜକୋଷକୁ ୪ଶହ କୋଟି ଟଙ୍କାର ରାଜସ୍ୱ ପ୍ରଦାନ କରୁଛନ୍ତି ସେମାନଙ୍କୁ କ୍ରମାଗତ ଅବହେଳା ପ୍ରଦର୍ଶନ କରାଯାଉଛି । ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ଯାଏଁ ଲଢେଇ ଜାରି ରହିବ। ସଭାପତି ପରିଛା ତାଙ୍କ ବକ୍ତବ୍ୟରେ କେନ୍ଦୁପତ୍ର ଚପରାସୀ, ମୁନସୀ, ତୋଳାଳୀଙ୍କ ପ୍ରତି ସରକାର ଅମାନବିକ ବ୍ୟବହାର କରିବା ସହ ସେମାନଙ୍କୁ ମହାମାରୀ ସମୟରେ ମଧ ପାଉଣା ଦେଇନାହାନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଚପରାସୀଙ୍କ କାର୍ଯ୍ୟକାଳ ୩ ମାସ ଓ ମୁନ୍‌ସୀଙ୍କ କାର୍ଯ୍ୟକାଳ ୪ ମାସ ବୃଦ୍ଧି, ଉଚ୍ଛେଦ ଫିଡାଗୁଡିକ ପୁନଃ ସ୍ଥାପନ, ସିଜନ୍ ଚେକରଙ୍କ ବୁସ୍ କଟିଂ ଆରମ୍ଭରୁ ଖର୍ଦ୍ଦି ଶେଷ ପର୍ଯ୍ୟନ୍ତ ଓ ଫଡି ଘରକୁ ପଶିବା ପର୍ଯ୍ୟନ୍ତ ଦରମା ପ୍ରଦାନ, କଟକ ଓ ସମ୍ବଲପୁର ସର୍କଲ ଭଳି ବଲାଙ୍ଗୀର ସର୍କଲରେ ମଧ ପ୍ରତି ସେକ୍‌ସନ୍‌କୁ ଜଣେ ଲେଖାଏ ସର୍କଲ ଚେକର ନିଯୁକ୍ତି, ହେଡ ଚେକରଙ୍କ ପାଇଁ ବାଇକ ଓ ପେଟ୍ରୋଲ ଯୋଗାଣ, ତୋଳାଳି କାର୍ଡ ବୃଦ୍ଧି, କେନ୍ଦୁପତ୍ର ବ୍ୟବସାୟରୁ ଜିଏସ୍‌ଟି ପ୍ରତ୍ୟାହାର ଆଦି ଦାବିଗୁଡିକ ଉପସ୍ଥାପନ କରାଯାଇଛି ।